ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୫୪
୨୦ ଜାନୁଆରୀ, ୨୦୨୬ ମଙ୍ଗଳବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 254
20th January, 2026 Tuesday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍
ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।**

ବିଷ ମଧ୍ୟରୁ ଅମୃତ, ଅପବିତ୍ର ସ୍ଥାନରୁ ସୁବର୍ଣ୍ଣ, ନୀଚ ଲୋକଠାରୁ ଭଲ ବିଦ୍ୟା ଏବଂ ନୀଚ କୁଳରୁ ଉତ୍ତମ ସ୍ତ୍ରୀ ଗ୍ରହଣ କରାଯାଇପାରେ ।

## ମା' ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା



**ରାୟଗଡା,୧୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ଟି ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ଉକ୍ତ ୯ ହୁଣ୍ଡିରୁ ନଗଦ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫ ଟଙ୍କା ସମେତ ୩୦ ଗ୍ରାମ ସୁନା ଓ ୨୧୫୦ ଗ୍ରାମ ରୂପା ବାହାରିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି । ଏଥିସହିତ ବିଭିନ୍ନ ପ୍ରକାର ୫ଟି ଦେଶର ୨୩ଟି ବିଦେଶୀ ନୋଟ ମଧ୍ୟ ବାହାରିଛି। ଯେଉଁଥିରେ ରହିଛି ଆମେରିକା, ଶ୍ରୀଲଙ୍କା ଓ ୟୁଏଇ ଦେଶର ନୋଟ ଓ ମୁଦ୍ରା। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ଏଥିସହ ଗୋଟିଏ ଲେଖାଏ ଅଚଳ ୫୦୦ ଓ ୨୦୦୦ ଏବଂ ଗୋଟିଏ ୧ ହଜାର ଟଙ୍କା ନୋଟ ବାହାରିଛି। ସକାଳ ୯ ଟାରେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୮ ଘଣ୍ଟା ଧରି ଗଣତି ହୋଇଥିଲା। ଏହା ପୂର୍ବରୁ ଜୁଲାଇ ୭ ତାରିଖରେ ହୁଣ୍ଡିରୁ ନଗଦ ନଗଦ ୧ କୋଟି ୪ ଲକ୍ଷ ୩୬ ହଜାର ୯୬୩ ସହିତ ୮୩ ଗ୍ରାମ ସୁନା ଓ ୨୫୦୫ ଗ୍ରାମ ରୂପା ବାହାରିଥିଲା। ଏଥିସହିତ ବିଭିନ୍ନ ପ୍ରକାର ଦେଶର ବିଦେଶୀ ନୋଟ ମଧ୍ୟ ବାହାରିଥିଲା। ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୁପା ଜିଲା କୋଷାଗାରକୁ ପଠାଇ ଦିଆଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲିବା ଓ ଗଣତି ବେଳେ ପୋଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

### ବଦଳିବ ୪୫ ବର୍ଷର ପୁରୁଣା ରାଜସ୍ୱ ଆଇନ

# ଖୁବ୍‌ଶୀଘ୍ର ନୂଆ 'ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ'

**ଭୁବନେଶ୍ୱର,୧୯।୧
ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟରେ ଜମିଜମା ପ୍ରଶାସନକୁ ଅଧିକ ସରଳ, ସ୍ୱଚ୍ଛ ଏବଂ ଲୋକାଭିମୁଖୀ କରିବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୀର୍ଘ ୪୫ ବର୍ଷର ପୁରୁଣା ରାଜସ୍ୱ ଆଇନରେ ବ୍ୟାପକ ସଂଶୋଧନ କରାଯାଇ ଏକ ନୂତନ 'ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ' ଅଣାଯିବ। ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି।

ବର୍ତ୍ତମାନ ପ୍ରଚଳିତ ବିଭିନ୍ନ ଜଟିଳ ରାଜସ୍ୱ ଆଇନକୁ ଅଧ୍ୟୟନ କରାଯାଇ ସେଗୁଡ଼ିକୁ ଏକ ଶକ୍ତ ଆଇନଗତ ଢାଞ୍ଚା ମଧ୍ୟକୁ ଅଣାଯିବ। 'ଓଡ଼ିଶା ପ୍ରିଭେନସନ୍ ଅଫ୍ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ ଆକ୍ଟ' (ଓପିଏଲ୍‌ଇ) ଏବଂ 'ଓଡ଼ିଶା ସରକାର ଲ୍ୟାଣ୍ଡ ସେଟଲମେଣ୍ଟ ଆକ୍ଟ'ରେ ପରିବର୍ତ୍ତନ କରାଯିବ। ଏହି ନୂଆ ଆଇନ ଦ୍ୱାରା ଜମିଜମା ବିବାଦର ସ୍ଥାୟୀ ସମାଧାନ ହେବା ସହ ଜମି ବନ୍ଦୋବସ୍ତ ପ୍ରକ୍ରିୟା ଅଧିକ ଦ୍ରୁତ ହୋଇପାରିବ।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନୂଆ ଆଇନର ଡ୍ରାଫ୍ଟ ବା ଚିଠା ପ୍ରସ୍ତୁତ ସରିଛି। ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯିବ। ଅନୁମୋଦନ ପରେ ଚିଠା ପ୍ରସ୍ତାବକୁ ଏକ ମାସ ପାଇଁ ୱେବସାଇଟରେ ରଖାଯାଇ ଲୋକଙ୍କ ମତାମତ ଲୋଡ଼ାଯିବ। ସମସ୍ତଙ୍କ ମତାମତ ପରେ ଏହା ଆଇନ ବିଭାଗକୁ ଯିବ ଏବଂ ପରେ କ୍ୟାବିନେଟର ମୋହର ବାଜିବ। ଆସନ୍ତା ବିଧାନସଭା ଅଧିବେଶନରେ ଏହି ବିଲ୍ ଉପସ୍ଥାପନ କରାଯିବ ଏବଂ ପାସ୍ ହେବା ପରେ ଏହା ନୂଆ ଆଇନରେ ପରିଣତ ହେବ।

ବ୍ରିଟିଶ ଅମଳରୁ ରହିଆସିଥିବା ପୁରୀର ଜଟିଳ ଜମି ସମସ୍ୟା ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଜମି ସମ୍ପର୍କିତ ବିବାଦର ସମାଧାନ ପାଇଁ ସରକାର ଏକ ସ୍ୱତନ୍ତ୍ର ଓ ସୁଚିନ୍ତିତ ଆଭିମୁଖ୍ୟ ଗ୍ରହଣ କରିବେ। ଜବରଦଖଲ ରୋକିବା ପାଇଁ ତହସିଲଦାରମାନଙ୍କୁ ଅଧିକ କ୍ଷମତା ଦିଆଯିବା ନେଇ ମଧ୍ୟ ଯୋଜନା ରହିଛି।

### ନୀତିନ ନବୀନ

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ



**ନୂଆଦିଲ୍ଲୀ,୧୯।୧
ଏକ୍ସପ୍ରେସ୍ ନ୍ୟୁଜ୍**

ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ନୀତିନ ନବୀବ। ବିଜେପିର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇଛନ୍ତି ନୀତିନ ନବୀନ। ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ସେ ଜେପି ନଡ୍ଡାଙ୍କ ସ୍ଥାନ ନେଇଥିବାବେଳେ ଆସନ୍ତାକାଲି ବିଧିବଦ୍ଧ ଭାବେ ଘୋଷଣା କରାଯିବ। ତେବେ ତାଙ୍କ ସପକ୍ଷରେ ରହିଥିଲା ୩୭ ପ୍ରସ୍ତାବକ। ୪୬ ବର୍ଷ ବୟସରେ ତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଝାଡ଼ଖଣ୍ଡର ରାଞ୍ଚିରେ ତାଙ୍କର ଜନ୍ମ।

ସୋମବାର ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନ ଦାଖଲ କରାଯାଇଥିଲା। ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ନୀତିନ ନବୀନଙ୍କ ସମର୍ଥନରେ ମୋଟ ୩୭ ସେଟ୍ ନାମାଙ୍କନ ଦାଖଲ କରାଯାଇଥିଲା। ସମସ୍ତ ନାମାଙ୍କନ ପତ୍ର ଯାଞ୍ଚ କରାଯାଇଥିଲା ଏବଂ ସମ୍ପୂର୍ଣ୍ଣ ସଠିକ୍ ଥିବା ଜଣାପଡିଥିଲା। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅତିକ୍ରମ କରିବା ପରେ, ନିର୍ବାଚନ ଅଧିକାରୀ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲେ ଯେ ସଭାପତି ପଦ ପାଇଁ କେବଳ ଜଣେ ପ୍ରାର୍ଥୀ ନିତିନ ନବୀନଙ୍କ ନାମ ପ୍ରକାଶ ପାଇଛି।


ଗତ ବର୍ଷ ଡିସେମ୍ବର ୧୪ ତାରିଖରେ ବିହାର ସରକାରଙ୍କ ମନ୍ତ୍ରୀମଣ୍ଡଳରେ ଥିବା ନୀତିନ ନବୀନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା। ବିଜେପି ତାଙ୍କୁ ଦଳର ଜାତୀୟ କାର୍ଯ୍ୟକାରିଣୀ ସଭାପତି ଭାବରେ ନିଯୁକ୍ତ କରିଥିଲା। ପାଟନାର ବାଙ୍କିପୁରରୁ ପାଞ୍ଚଥର ବିଧାୟକ ଥିବା ନବୀନଙ୍କ ବୟସ ୪୫ ବର୍ଷ ଏବଂ ତାଙ୍କର ସରକାରୀ ଏବଂ ସାଂଗଠନିକ ଅଭିଜ୍ଞତା ଯଥେଷ୍ଟ। ସେ ବିଜେପି ନେତା ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ସେ ତିନିଥର ବିହାର ସରକାରରେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଛତିଶଗଡ଼ ବିଜେପିର ପ୍ରଭାରୀ ସହିତ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ଅଫିସ ଭିତରେ ଡିଜିପିଙ୍କ ରାସଲୀଳା !

**ବେଙ୍ଗାଲୁରୁ,୧୯।୧
ଏକ୍ସପ୍ରେସ୍ ନ୍ୟୁଜ୍**

ବିବାଦରେ କର୍ଣ୍ଣାଟକାର ଜଣେ ଡିଜିପି ର୍ୟାଙ୍କ ଆଇପିଏସ ଅଫିସର। ନିଜ ଅଫିସିଆଲ ଚ୍ୟାମ୍ବର ଭିତରେ ଡିଜିପି ର୍ୟାଙ୍କ ଆଇପିଏସ ଅଫିସର ଡକ୍ଟର ରାମଚନ୍ଦ୍ର ରାଓ କରୁଛନ୍ତି ରାସଲୀଳା। ତାଙ୍କୁ ଦେଖା କରିବାକୁ ଆସୁଥିବା ମହିଳାମାନଙ୍କ ମଧ୍ୟରୁ ସେ କାହାକୁ ଚୁମ୍ବନ ତ ଆଉ କାହାକୁ କରୁଛନ୍ତି ଆଲିଙ୍ଗନ। ସେହିପରି କାହାର ହାତ ଧରି ରୋମାନ୍ସ କରିବାକୁ ମଧ୍ୟ ପଛାଉ ନାହାନ୍ତି। ମହିଳାମାନେ ମଧ୍ୟ ଡିଜିପିଙ୍କୁ ଖୁସି କରିବାକୁ ପଛଘୁଞ୍ଚା ମଧ୍ୟ ଦେଉନାହାନ୍ତି।

ଏପରି କିଛି ଭିଡିଓ ଓ ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବା ପରେ କର୍ଣ୍ଣାଟକାରେ ଝଡ ସୃଷ୍ଟି ହୋଇଛି। ଡିଜିପି ର୍ୟାଙ୍କ ଆଇପିଏସ ଅଫିସର ରାମଚନ୍ଦ୍ର ରାଓ ହେଉଛନ୍ତି ସୁନା ଚୋରାଚାଲାଣ ଘଟଣାରେ ଗିରଫ ହୋଇଥିବା ରାଣ୍ୟା ରାଓଙ୍କ ବାପା। ଝିଅ ଯୋଗୁ ପୂର୍ବରୁ ବିବାଦକୁ ଆସିଥିଲେ ରାମଚନ୍ଦ୍ର ରାଓ।



ଏବେ ସେ ଅଫିସିଆଲ ଚ୍ୟାମ୍ବର ଭିତରେ ନିଜ ପଦରୁ ଫାଇଦା ଉଠାଇ ମହିଳାଙ୍କ ସହ ରୋମାନ୍ସ କରୁଥିବା ଅଭିଯୋଗ ହୋଇଛି।

ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓର ଦେଖିବାକୁ ମିଳୁଛି ଯେ ଅଫିସ ସମୟରେ ପୁଲିସ୍ ପୋଷାକରେ ଥିବା ରାମଚନ୍ଦ୍ର ରାଓ ଏକାଧିକ ମହିଳାଙ୍କୁ ନିଜ ଆସନ ପାଖକୁ ଡାକି କିସ ଓ ହଗ୍ କରୁଛନ୍ତି। କିଛି ଶଟରେ ସେ ବ୍ଲେଜରେ ମଧ୍ୟ ରହିଛନ୍ତି। *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାଥରୁମ୍‌ରେ ଶିଶୁ କନ୍ୟାଙ୍କୁ ଛାଡି ମା ଚମ୍ପଟ

**ଭଦ୍ରକ,୧୯।୧
ଏକ୍ସପ୍ରେସ୍ ନ୍ୟୁଜ୍**

ମେଡିକାଲ ବାଥରୁମ୍‌ରେ ନବଜାତ ଶିଶୁ କନ୍ୟାକୁ ଛାଡ଼ି ମା' ଫେରାର। ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାରେ ଏମିତି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାର ମହିଳା ୱାର୍ଡର ଜରା ରୋଗୀ ୱାର୍ଡରେ କେହି ଜଣେ ମହିଳା ବାଥରୁମ୍‌ରେ ଶିଶୁ ଜନ୍ମ କରି ଛାଡ଼ି ପଳାଇଯାଇଛନ୍ତି। ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ବାଥରୁମ୍ ଯାଇଥିବା ବେଳେ ନବଜାତ ଶିଶୁକୁ ଦେଖି ମେଡିକାଲ କର୍ମଚାରୀଙ୍କୁ ଅବଗତ କରିଥିଲେ। ପରେ ଏହି ଶିଶୁଟି ଶିଶୁ କନ୍ୟା ବୋଲି ଜଣାପଡ଼ିଥିବା ବେଳେ ମୃତ୍ୟୁ ହୋଇଯାଇଛି। ତେବେ ଶିଶୁର ମା'ଙ୍କୁ ଠାବ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଏଆଇ ଭିଡ଼ିଓରେ ଜଗନ୍ନାଥଙ୍କୁ ଅପମାନ: ଢଳାଯାଉଛି କ୍ରେନରେ କ୍ଷୀର

**ଭୁବନେଶ୍ୱର,୧୯।୧
ଏକ୍ସପ୍ରେସ୍ ନ୍ୟୁଜ୍**

କୋଟି କୋଟି ଓଡ଼ିଆଙ୍କ ଭାବାବେଗ ସହ ଖେଳ। ସୋସିଆଲ୍ ମିଡିଆରେ ଘୁରିବୁଲୁଛି ଶ୍ରୀଜିଉଙ୍କ ଏଆଇ ଫଟୋ ଓ ଭିଡିଓ। ଏପରିକି ଏହି ସବୁ ଫଟୋ ଓ ଭିଡିଓରେ ପରମ୍ପରା ବିରୋଧୀ ଦୃଶ୍ୟ ସବୁ ସ୍ଥାନ ପାଇଛି। ଯାହାକୁ ନେଇ ଭକ୍ତଙ୍କ



ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୋସିଆଲ୍ ମିଡିଆରେ ଭାଇରାଲ ହେଉଥିବା ଶ୍ରୀଜିଉଙ୍କ ଏଆଇ ଫଟୋ ଓ ଭିଡିଓରେ ଅନେକ ପରମ୍ପରା ବିରୋଧୀ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀଜିଉଙ୍କ ବିଶାଳ ମୂର୍ତ୍ତି ବଡ଼ଦାଣ୍ଡରେ ସିଂହଦ୍ୱାର ସମ୍ମୁଖରେ ଛିଡ଼ା *(ଶେଷ ପୃଷ୍ଠା ଦେଖନ୍ତୁ)*

## ସରିଲା କୁମ୍ଭୀର ଗଣନା: ପୂର୍ବ ବର୍ଷଠାରୁ ୩୨ ଅଧିକ

**ରାଜନଗର,୧୯।୧
ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ସମେତ ବିଶ୍ୱ ପ୍ରସିଦ୍ଧ ଜାତୀୟ ଉଦ୍ୟାନ ଭିତରକନିକାରେ କୁମ୍ଭୀର ଗଣନା ଶେଷ ହୋଇଛି। ମୋଟ ୧୮୫୬ଟି କୁମ୍ଭୀର ଥିବା ଜଣାପଡିଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ କୁମ୍ଭୀର ସଂଖ୍ୟାରେ ୩୨ଟି ବୃଦ୍ଧି ଘଟିଛି। ରାଜନଗର ବନଖଣ୍ଡର କନିକା, ରାଜନଗର, ମହାକାଳପଡା ଓ ଗହୀରମଥା ରେଂଜରେ କୁମ୍ଭୀର ଗଣନା କରାଯାଇଛି । ଜାତୀୟ



ଉଦ୍ୟାନ ତଥା ରାଜନଗର ବନଖଣ୍ଡରେ ଥିବା ୬୧ଟି ନଦୀ, ନାଳ ଓ ମୁହାଁଣରେ ୨୩ଟି ଦଳ ଜାନୁୟାରୀ ମାସ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କୁମ୍ଭୀର ଗଣନା କରିଥିଲେ। ଏହି କୁମ୍ଭୀର ଗଣନାକୁ ଦୃଷ୍ଟିରେ ରଖି ଦେଶ ବିଦେଶର *(ଶେଷ ପୃଷ୍ଠା ଦେଖନ୍ତୁ)*

# କେନ୍ଦ୍ରାପଡ଼ାରେ କେବେ ହେବ ଡ୍ରୋନ୍‌ର ଉପଯୋଗ ?

**କେନ୍ଦ୍ରାପଡ଼ା,୧୯।୧
ଏକ୍ସପ୍ରେସ୍ ନ୍ୟୁଜ୍**

ଆର୍ଦ୍ରଭୂମିର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଡ୍ରୋନର ବ୍ୟବହାର କରିବାକୁ ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ବିଶ୍ୱ ବିରଳ ଭିତରକନିକା ଜାତୀୟ ଉଦ୍ୟାନରେ ଜଙ୍ଗଲ କ୍ଷୟ, ଚିଙ୍ଗୁଡ଼ି ଘେରୀ ବୃଦ୍ଧି ଓ ବନ୍ୟଜୀବଙ୍କ ଶୀକାରକୁ ରୋକିବା ସମ୍ଭବ ହେଉନଥିବା ଅଭିଯୋଗ ହେଉଛି । ପରିବେଶବିତ୍‌ଙ୍କ କହିବା କଥା ଯେ ଆର୍ଦ୍ରଭୂମୀ ଭିତରକନିକା ବିଶ୍ୱର ଆକର୍ଷଣ ଓ ଏକ ବିରଳ ବିଭବ । ଏଠାରେ ଥିବା ହେନ୍ତାଳ ଜଙ୍ଗଲ କେଉଁ ସ୍ମରଣାତିତ କାଳର ଉପକୂଳର ସୁରକ୍ଷା କବଚ ଭାବେ ବିଦ୍ୟମାନ ରହିଛି। କେବଳ ହେନ୍ତାଳ ଜଙ୍ଗଲ ନୁହେଁ ଏଥିରେ ରହିଛି ବିଭିନ୍ନ ଔଷଧିୟ ବୃକ୍ଷ ଓ ଏହାର ସମୁଦ୍ର ମଧ୍ୟରେ ରହିଛି ଶୈବାଳ ଉଦ୍ୟାନ। ଲୁଣା କୁମ୍ଭୀରଙ୍କ ସହ ବହୁ ଜୀବଜନ୍ତୁ ଏହାର ଜୈବ ବିବିଧତାକୁ ଅଧିକ ସମୃଦ୍ଧ କରିଛନ୍ତି । ଏଠାରେ ଧଳା

### ଆର୍ଦ୍ରଭୂମିର ସୁରକ୍ଷା ନେଇ ଚିନ୍ତା ବଢୁଛି

କୁମ୍ଭୀରଙ୍କୁ ମଧ୍ୟ ଦେଖିବାକୁ ମିଳେ। ଏଥିସହିତ ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତୁଡିଶାଳ ଭାବେ ଏହାର ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ପରିଗଣିତ ହୋଇଆସିଛି । ଏଠାରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର ଦେଖିବାକୁ ମିଳିଥାଏ। ହେଲେ ଏହି ଜାତୀୟ ଉଦ୍ୟାନର ଜୈବ ବିବିଧତା ବ୍ୟାପକ ଚିଙ୍ଗୁଡ଼ି ଘେରୀ, ଅନୁପ୍ରବେଶ ଓ ବେଆଇନ ଜନବସତି ସ୍ଥାପନ, ମଧୁର ଜଳ ପ୍ରବାହ ହ୍ରାସ, ଟ୍ରଲରଙ୍କ ଅବାଧ ମାଛଧରା ଆଦି କାରଣରୁ ଗଭୀର ଭାବେ ପ୍ରଭାବିତ ହୋଇଚାଲିଛି । ସେହିପରି ତଟକ୍ଷୟ ଏଥିପ୍ରତି ବିପଦ ସୃଷ୍ଟି କରିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବଢୁଛି । ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ଏବେ ମଧ୍ୟ ହଜାର ହଜାର ହେକ୍ଟର ଚିଙ୍ଗୁଡ଼ି ଘେରୀ ଏହି ଆଦ୍ରଭୂମିରେ ରହିଥିବା ଅଭିଯୋଗ ହୋଇଆସୁଛି। ଏଥିନେଇ ହାଇକୋର୍ଟରେ ଥିବା ପିଆଇଏଲର ଶୁଣାଣୀ ବେଳେ ହାଇକୋର୍ଟ ପକ୍ଷରୁ ଭିତରକନିକା ଓ ଚିଲିକା ଆର୍ଦ୍ରଭୂମୀ ଅଂଚଳକୁ ଡ୍ରୋନ ମାଧ୍ୟମରେ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ଘୋଷଣା କରିଥିଲେ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ଭରଣା କରିବେ ବୋଲି କୋର୍ଟ ଦର୍ଶାଇଥିଲେ । ଏହା ଫଳରେ ଆର୍ଦ୍ରଭୂମିକୁ କ୍ଷତି ପହଂଚାଉଥିବା ଚିଙ୍ଗୁଡ଼ି ଘେରୀ, ତଟକ୍ଷୟ ଓ ବିରଳ ଅଲିଭ୍ ରିଡ଼େଲ କଇଁଛଙ୍କ ସମେତ ସାମୁଦ୍ରିକ ଜୀବମାନଙ୍କ ସଂପର୍କରେ ତଥ୍ୟ ମିଳିପାରିବ ବୋଲି ଆଶାପ୍ରକାଶ ପାଇଥିଲା । ଗୋଆରେ ମଧ୍ୟ ଏହି ପ୍ରକାର କୌଶଳ ଅବଲମ୍ବନ କରାଯାଇଛି । ସେଠାକାର ବନ ବିଭାଗ ପକ୍ଷରୁ ୱାର୍ଲଡ ୱାଇଡ ଫଣ୍ଡ ଫର ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ) ମାଧ୍ୟମରେ ମୋରଜି ତଟକୁ ଡ୍ରୋନ ଯୋଗେ ଗତ ୨୦୨୧ ଅପ୍ରେଲ ମାସଠାରୁ ନିରୀକ୍ଷଣ କରାଯାଉଛି । ଏହାର ୩୬୦ ଡିଗ୍ରୀ କ୍ୟାମେରା ଲେନସରେ କଇଁଛଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ *(ଶେଷ ପୃଷ୍ଠା ଦେଖନ୍ତୁ)*



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୦ ଜାନୁଆରୀ ୨୦୨୬ । ମଙ୍ଗଳବାର




## ଆଶା କର୍ମୀଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

**ବୈଶିଙ୍ଗା: ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ଗ୍ରାମରେ ଆଶାକର୍ମୀଙ୍କୁ ଆକ୍ରମଣ ଅଭିଯୋଗରେ ଜନୈକ ଯୁବକଙ୍କୁ ଗିରଫ କରାଯାଇ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି ।

ମିଳିଥିବା ସୂଚନା ମୁତାବକ ଏହି ଗ୍ରାମର ୪୭ ବର୍ଷୟା ଆଶାକର୍ମୀ ବୀଣାପାଣି ରାଉଳ ବାରିପଦା ଡ଼ାକ୍ତରଖାନାରେ କାମ ସାରି ଫେରୁଥିବା ବେଳେ ରଘୁପୁର ସାପ୍ତାହିକ ହାଟ ନିକଟରେ ଗଜେନ୍ଦ୍ର ବେହେରା ନାମକ ଜନୈକ ବ୍ୟକ୍ତି ଅଟକାଇ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ବନ୍ଧୀୟ କାଗଜ ପତ୍ର ଦୀର୍ଘ ଦିନ ଧରି ନଫେରାଇବା କାରଣ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ । ହେଲେ ଆଶାକର୍ମୀ ତାଙ୍କ ନିକଟରେ କୌଣସି କାଗଜ ପତ୍ର ନଥିବା କହିବାରୁ ଗଜେନ୍ଦ୍ର ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ବୀଣାପାଣିଙ୍କ ତଣ୍ଟି ଚିପି ଧରିଥିଲେ ବୋଲି ଲିଖିତ ଅଭିଯୋଗ କରାଯାଇଛି ।

ସେତିକିବେଳେ ଚିତ୍କାର ଶୁଣି ତାଙ୍କ ଭଣଜା ଦେବାଶିଷ ରାଉଳ ଆସି ତାଙ୍କୁ ଗଜେନ୍ଦ୍ର କବଳରୁ ରକ୍ଷା କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଏହାକୁ ନେଇ ପୋଲିସ ପକ୍ଷରୁ ୨୭ ନଂ ରେ ଏକ ମାମଲା ରୁଜୁ କରାଯାଇ ଏସ ଆଇ ସରୋଜ କୁମାର ଜେନା ତଦନ୍ତ ଆରମ୍ଭ କରିଥିଲେ ଏବଂ ଅଭିଯୁକ୍ତ ଗଜେନ୍ଦ୍ରଙ୍କୁ ଗିରଫ କରି ରବିବାର ଅପରାହ୍ନରେ ତାଙ୍କର ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି ।

## ବିଡିଓଙ୍କୁ ମାଡ ଘଟଣାରେ ୪ ଗିରଫ

**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**

ନୂଆପଡା ବିଡିଓ ରୋହିତ ଭୋଇଙ୍କୁ ମାଡ ଘଟଣା। ପୁଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ। ଭଇସାଟାଲ ଗାଁର ୪ ଜଣଙ୍କୁ ଗିରଫ କଲା ପୁଲିସ। ଭଇସାଟାଲ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ସୋମବାର ସର୍ବସମ୍ମୁଖରେ ବିଡିଓଙ୍କ ଉପରକୁ ଆକ୍ରମଣ ହୋଇଥିଲା। ସୂଚନାନୁଯାୟୀ, ଭଇସାଟାଲ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ବିବାଦ ଲାଗି ରହିଥିଲା। ପଞ୍ଚାୟତ ମୁଖ୍ୟାଳୟରେ ହେବାକୁଥିବା ପଞ୍ଚାୟତ ଗୃହ ବାଲୋଦା ଠାରେ ନିର୍ମାଣ ହେବାକୁ ନେଇ କିଛି ଗ୍ରାମବାସୀ ବିରୋଧ କରୁଥିଲେ। ହେଲେ ହାଇକୋର୍ଟଙ୍କ ଅର୍ଡର ଅନୁସାରେ ନିର୍ମାଣ କାମ ଚାଲିଥିଲା। ଏହି ଘଟଣାକୁ ନେଇ ସୋମବାର ବିଡିଓଙ୍କ ଉପରକୁ ଆକ୍ରମଣ ହୋଇଥିଲା। ଜଣେ ଯୁବକ ବିଡିଓ ରୋହିତ ଭୋଇଙ୍କୁ ମାଡ ମାରିଥିଲେ। ଏହି ଘଟଣା ବେଳର ଭିଡିଓ ଭାଇରାଲ୍ ହୋଇଥିଲା। ବିଡିଓ ଥାନାର ଦ୍ୱାରସ୍ଥ ହୋଇଥିଲେ। ଦୋଷୀଙ୍କୁ ଗିରଫ ଦାବିରେ ବ୍ଲକ୍ ଅଫିସ୍ ଆଗରେ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ, ବ୍ଲକ କର୍ମଚାରୀ ଧାରଣା ଦେଇଥିଲେ। କଲମ ଛାଡ ଆନ୍ଦୋଳନ କରିଥିଲେ। ବ୍ଲକ ଅଫିସ ପରିସରରେ ଏସଡିପିଓଙ୍କ ସହ ନୂଆପଡା ପୁଲିସ ପହଞ୍ଚି ତଦନ୍ତ କରିଥିଲା। ଏହି ଘଟଣାରେ ଏବେ ପୁଲିସ ଭଇସାଟାଲ ଗାଁର ୪ ଜଣଙ୍କୁ ଗିରଫ କରିଛି।

## ଜୁଆଆଡ୍ଡାରେ ଚଢ଼ାଉ: ୧୬ ଜୁଆଡି ଗିରଫ


**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଜୁଆଆଡ୍ଡା ଉପରେ ପୋଲିସର ଚଢ଼ାଉ। ୧୬ ଜଣ ଅଭିଯୁକ୍ତଙ୍କୁ ବାନ୍ଧିଲା ସଦର ଥାନା ପୋଲିସ। ଏହାସହ ଘଟଣାସ୍ଥଳରୁ ୨୩ ହଜାର ୮ ଶହ ଟଙ୍କା, ୧୫ଟି ମୋବାଇଲ ଫୋନ୍, ୮ଟି ବାଇକ୍ ଜବତ କରିଛି ପୋଲିସ।

ଖବର ଅନୁଯାୟୀ, ପୁରୀର ଶ୍ରୀସେତୁ ନିକଟରେ ଥିବା ଜଳଭଣ୍ଡାର ଠାରେ ଚାଲିଥିଲା ଜୁଆଖେଳ। କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା ପୁରୀ ପୋଲିସ। ଏହି ଚଢ଼ାଉରେ ପୋଲିସ ୧୬ ଜଣଙ୍କୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାସହ ଘଟଣାସ୍ଥଳରୁ ୨୩ ହଜାର ୮ ଶହ ଟଙ୍କା, ୧୫ଟି ମୋବାଇଲ ଫୋନ୍, ୮ଟି ବାଇକ୍ ଜବତ କରିଛି ପୋଲିସ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୋଲିସ। ସଦର ଏସଡିପିଓ ରବିନାରାୟଣ ଭଞ୍ଜ ପ୍ରେସମିଟ୍ ଜରିଆରେ ଏହି ସୂଚନା ଦେଇଛନ୍ତି।

## ସାନ୍ତରାପୁର ଗୋମାଫିଆଙ୍କ ଘରେ ଚଢ଼ାଉ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**





ଗୋ ଚାଲାଣ ଏବେ କେନ୍ଦୁଝରରେ ବଢ଼ି ଯାଇଥିଲା। ଦିନବେଳେ ଗୋରୁ ଚାଲାଣ ହେଉଥିଲା ଗୋ ମାଫିଆ ପୋଲିସକୁ ଆକ୍ରମଣ କଲେ ଗାଡ଼ି ମଧ୍ୟ ଚଢେଇ ଦେଲେ। କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଗ୍ରାମ ସବୁବେଳେ ଚର୍ଚ୍ଚାରେ ରହୁଥିଲା ଏଠାରୁ କୋଟି କୋଟି ଟଙ୍କାର ଚୋରା କାଠ ଜବତ ହୋଇଥିଲା। ରାଜନୈତିକ ଛାତ୍ର ଛାୟା ତଳେ କାଠ ବେପାର ସହ ଗୋଚାଲାଣ ହେଉଥିଲା ବୋଲି ଅଭିଯୋଗ ଆସେ। ସରକାର ପରିବର୍ତ୍ତନ ପରେ ଗୋ ମାଫିଆ ଏଠାରେ ପଟ ପରିବର୍ତ୍ତନ କରିଥିଲେ। ତେବେ ଆଜିର ଚଢ଼ାଉ ଅନ୍ୟ ପ୍ରକାରର ଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଳକରଙ୍କ ନିର୍ଦ୍ଦେଶରେ ସକାଳୁ ସୋମବାର ଚଢାଉ ହୋଇଥିଲା। ତାଙ୍କ କହିବା ଅନୁସାରେ କେନ୍ଦୁଝର ଜିଲ୍ଲା ସମେତ ଅନ୍ୟ ପାଞ୍ଚ ଜିଲ୍ଲାରେ ଏହି ଗୋମାଫିଆ ସକ୍ରିୟ ଥିଲେ। ଜିଲ୍ଲାରେ ଗୋଚାଲାଣ ବେଳେ ଧରି ୫୦ରୁ ଅଧିକ ମାଫିଆଙ୍କ ନାମରେ କେଶ୍ ରେଜିଷ୍ଟର ହୋଇଛି। ଏମାନେ ଏପରି କାରବାର କରି କୋଟି କୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରିଛନ୍ତି। ସେହି ମାଫିଆମାନେ ପୁଲିସକୁ ଆକ୍ରମଣ କରିବା, ପୋଲିସ ଉପରେ ଗାଡି ଚଳାଇଦେବା, ଗୁଳି କରିବା ପରି କେଶରେ ସାମିଲ ଅଛନ୍ତି। ସଂଗଠିତ ଅପରାଧ ଲାଗି ବିଏନଏସ ଧାରା ୧୧୨ ଅନୁସାରେ ଅପରାଧ ନିୟମ ଲାଗୁକରି ସୋମବାର ଭୋର୍ ସମୟରେ ସାନ୍ତରାପୁର ଠାରେ ଗୋମାଫିଆ ଘରେ ଚଢାଉ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ ବାହିନୀର ବଡ ବଡ ଅଧିକାରୀଙ୍କ ସମେତ ବଡବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡବିଲ ଥାନା ଅଧିକାରୀ ଅଶୋକ ନାୟକ, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା, ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ, କ୍ଷୀରୋଦିନି ନିଆଲଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ପୋଲିସ ପଦାଧିକାରୀ, ପୋଲିସ କନେଷ୍ଟବଳମାନେ ମଧ୍ୟ ସାମିଲ ହୋଇଥିଲେ। ସାନ୍ତରାପୁର ଗ୍ରାମରେ ଥିବା ୫ରୁ ଅଧିକ ମାଫିଆଙ୍କ ଘରେ ରେଡ୍ ହୋଇଥିଲା ନଅ ଜଣଙ୍କୁ ଅଟକ ରଖାଯାଇଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ୧କୋଟି ୪୦ ଲକ୍ଷ ଟଙ୍କା ନଗଦ, ୧ କେଜି ସୁନା ଓ ୩ କେଜି ରୂପା ଅଳଙ୍କାର ଜବତ କରାଯାଇଛି। ତତସହିତ କିଛି ଗୋରୁ ଓ ଗୋରୁ ବୋହିବା ଗାଡିକୁ ଜବତ କରାଯାଇଛି। କିଛି ମାଫିଆ ଭୟରେ ଫେରାର ହୋଇଯାଇଥିବା ଜଣାପଡିଛି। ମୋଟ ୧୧ଟି ଚାରିଚକିଆ ଗାଡ଼ି ସହ ୧୩ଟି ଦୁଇ ଚକିଆ ଗାଡି ଧରାଯାଇଛି। ଏଥିସହ ଅନେକ ବ୍ୟାଙ୍କ୍ ଆକାଉଣ୍ଟ ଓ ଅନ୍ୟାନ୍ୟ ଆକାଉଣ୍ଟ ଖାତାକୁ ପୋଲିସ ନିଜ ହାତକୁ ନେଇଛି। ଜିଲ୍ଲା ଏସପି କହିଛନ୍ତି କି ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଚଢାଉ ଚାଲିଛି ମୟୁରଭଞ୍ଜ ଜିଲ୍ଲାର ଚଢେଇଭୋଳରୁ ଅନେକ ଚୋରା ବାଇକ ଜବତ ହୋଇଥିଲା ତେବେ ସନ୍ଧ୍ୟା ସୁଦ୍ଧା ଶହେ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଏହି ମାଫିଆଙ୍କ ପାଖରୁ ଜବତ କରାଯିବ। ଭାରତୀୟ ନ୍ୟାୟ ସଂହିତାର ୧୧୨ ଦଫା ଅନୁଯାୟୀ ଏହି ସମ୍ପତ୍ତି ଆଟାଚ୍ ଲାଗି ଦରଖାସ୍ତ କରିଯିବ ବୋଲି ସେ ମଧ୍ୟ ସୂଚନା ଦେଇଛନ୍ତି। ଏହି ଘଟଣା ପରେ କେନ୍ଦୁଝର ସହର ପାଖରେ ରହିଥିବା ଅନେକ ଗୋ ଦଲାଲ ଛାନିଆ ହୋଇଯାଇଥିବା ଆଲୋଚନା ହେଉଛି।

## ଜନବସତିକୁ ମାଡି ଆସିଲେ ହାତୀପଲ

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର, ସୁନାଖଣ୍ଡି ହରିଣା, ନୂଆଗଡ ପ୍ରଭୃତି ଗ୍ରାମମାନଙ୍କରେ ଗତ ପ୍ରାୟ ୧ ମାସରୁ ଉର୍ଦ୍ଧ୍ୱ ହେଲା ହାତୀ ଉପଦ୍ରବ ଦେଖିବାକୁ ମିଳୁଛି। ଫଳରେ ସନ୍ଧ୍ୟା ହେଲେ ରାସ୍ତାରେ ଚଳପ୍ରଚଳ କରିବାକୁ ଲୋକେ ଭୟଭୀତ ହେବା ସହ ରାତିରେ ତାଟି କବାଟ ପକାଇ ରହୁଛନ୍ତି। ଶନିବାର ଭୋରରେ ଗଜପତି ଜିଲ୍ଲା ଚନ୍ଦ୍ରଗିରି ରେଞ୍ଜ ବନବିଭାଗ ଅଧିନ ସିଙ୍ଗପୁର ଗାଁ ନିକଟକୁ ହାତୀପଲ ମାଡ଼ି ଆସି କିଛି ଚାଷୀଙ୍କ ଧାନଖଳାରେ ପଶି ଅମଳ ଧାନ ଖାଇଦେବା ସହ ବ୍ୟାପକ ଧାନ ନଷ୍ଟ କରିଥିବା ଅଭିଯୋଗ ହୋଇଛି।

ଅମଳ ପରେ ମଣ୍ଡିରେ ଧାନ ରଖିବା ପାଇଁ ସୁବିଧା ନଥିବାରୁ ଚାଷୀ ଅମଳ ପରେ ଧାନ ବସ୍ତା ଗୁଡ଼ିକୁ ଖଳାରେ ରଖୁଛନ୍ତି। ଶନିବାର ଚାଷୀ ଏବଂ ବନବିଭାଗ କର୍ମଚାରୀ ବୃନ୍ଦ ସମ୍ପୃକ୍ତ ଅଞ୍ଚଳରେ ହାତୀ ଘଉଡାଇ ବିଳମ୍ବିତ ରାତିରେ ଫେରିବା ପରେ ଭୋରରେ ହାତୀ ପଲ ଜଙ୍ଗଲରୁ ଲେଉଟି ଚାଷୀଙ୍କ ଖଳାରେ ପଶି ଧାନ ଖାଇ ଦେବା ସହ ବିପୁଳ ପରିମାଣର ଧାନ ନଷ୍ଟ କରିଥିବା ଜଣାପଡିଛି। ଏକ ୪ ଟିକିଆ ହାତୀପଲ ଦିଗପହଣ୍ଡି ବନାଞ୍ଚଳ ପାଟପୁର ସେକ୍ସନ ରତନେଇ ଜଙ୍ଗଲ ଅଧିନ ଶୁଳିଆ ପାହାଡ଼ରେ ଦୀର୍ଘବର୍ଷ ଧରି ରହୁଛନ୍ତି। ହାତୀ ପଲ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି । ହାତୀ ପଲ ଗ୍ରାମାଞ୍ଚଳରେ ବ୍ୟାପକ ଧାନ, ମାଣ୍ଡିଆ, ପନିପରିବା ଫସଲ ନଷ୍ଟ କରୁଛନ୍ତି।

ଏନେଇ ବନବିଭାଗ ଚନ୍ଦ୍ରଗିରି ପୋଡ଼ାମାରି ରେଞ୍ଜର ରୂପକ କୁମାର ପ୍ରଧାନଙ୍କୁ ପଚାରିବାରୁ ଖବର ପାଇ ରବିବାର ସକାଳେ ଫରେଷ୍ଟର ସୁନୀଲ ମଣ୍ଡଳ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହ ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ହାତୀ ଚଳପ୍ରଚଳ ନେଇ ସୂଚନା ମିଳିବା ପରେ ବନବିଭାଗ ପକ୍ଷରୁ ବିଭିନ୍ନ ଗାଁମାନଙ୍କରେ ହାତୀ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସକାଳେ କିମ୍ବା ସନ୍ଧ୍ୟାରେ ଜଙ୍ଗଲ ନିକଟକୁ ଯାଆନ୍ତୁ ନାହିଁ ବୋଲି ବନ କର୍ମଚାରୀଙ୍କ ପକ୍ଷରୁ ସତର୍କ ସୂଚନା ଘୋଷଣା କରାଯାଉଛି।

ପୋଡ଼ାମାରି ବନ ବିଭାଗର ହାତୀ ସ୍କ୍ୱାର୍ଡ, ତାଲିମ ପ୍ରାପ୍ତ ହାତୀ ଟ୍ରାକରଙ୍କ ସମେତ ପାଟପୁର ଓ ଦିଗପହଣ୍ଡି ବନ କର୍ମଚାରୀ ମିଳିତ ଭାବେ ପକ୍ଷରୁ ଜଙ୍ଗଲ ମଧ୍ୟକୁ ହାତୀ ଘଉଡାଇବା ପାଇଁ ରାତ୍ରୀକାଳୀନ ପାଟ୍ରୋଲିଂ କରାଯାଉଛି। ବିଦ୍ୟୁତ ବିଭାଗ ଏବଂ ବନ ବିଭାଗ ମିଳିତ ଭାବେ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ନଜର ରଖିବା ସହ ପ୍ରତିଦିନ ସେ ନିଜେ ମନିଟରିଂ କରୁଥିବା ରେଞ୍ଜର କହିଛନ୍ତି। ହାତୀପଲ ଦ୍ୱାରା ଫସଲ କ୍ଷୟକ୍ଷତି ସମ୍ପର୍କରେ ସମ୍ପୃକ୍ତ ଚାଷୀ କୃଷକ ଅନୁକମ୍ପା ଆପ୍ ଜରିଆରେ ଆବେଦନ କରିଛନ୍ତି। ତଦନ୍ତ କରାଯାଇ ସେମାନଙ୍କୁ ବନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ କ୍ଷତିପୂରଣ ପ୍ରଦାନ କରାଯିବ ଏବଂ ଏଥି ପୂର୍ବରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ ବିଭାଗ ପକ୍ଷରୁ ଅନୁକମ୍ପା ମୂଳକ କ୍ଷତିପୂରଣ ଦିଆଯାଇଥିବା ରେଞ୍ଜର ଜଣାଇଛନ୍ତି।

## ଜଙ୍ଗଲଜମି ଜବରଦଖଲ

**ଝାରସୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**




ଏପସିଲନ କମ୍ପାନୀ ଦ୍ୱାରା ଝାରସୁଗୁଡା ଜିଲ୍ଲା ଶ୍ରୀପୁରା ଠାରେ ପ୍ରାୟ ୧୦ ଏକର ଜଙ୍ଗଲଜମିକୁ ବେଆଇନ ଭାବେ ଦଖଲ କରି ବ୍ୟବହାର କରୁଥିବାରୁ, ଆଜି ଶ୍ରୀପୁରା ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଶ୍ରୀପୁରା ଠାରେ ପ୍ରତିଷ୍ଠିତ ଏପସିଲନ କମ୍ପାନୀ ଗ୍ରାମସଭାର ବିନା ଅନୁମତିରେ ବେଆଇନ ଭାବେ ଗ୍ରାମର ଗ୍ରାମ୍ୟ ଜଙ୍ଗଲ କିସମ ଜଙ୍ଗଲଜମିକୁ ରାସ୍ତା ଭାବରେ ବ୍ୟବହାର କରି ଆସୁଛି। ଏ ସମ୍ପର୍କରେ ଗତ ତାରିଖ ୧୩/୧୦/୨୦୨୫ ଦିନ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳ ଝାରସୁଗୁଡାଙ୍କୁ ଏ ବିଷୟରେ ଅବଗତ କରାଇ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଏହା ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଏବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଜିଲ୍ଲାପାଳ ଝାରସୁଗୁଡା, ତହସିଲଦାର ଏବଂ ଜଙ୍ଗଲବିଭାଗଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଦୀର୍ଘଦିନ ବିତି ଯାଇଥିଲେ ମଧ ଜିଲ୍ଲା ପ୍ରଶାସନ କମ୍ପାନୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ଏଣୁ ସୋମବାର ଶ୍ରୀପୁରା ଗ୍ରାମବାସୀଙ୍କ ପକ୍ଷରୁ ପୁଣି ଥରେ ବେଆଇନ କାର୍ଯ୍ୟ କରିଥିବା କମ୍ପାନୀ ଏବଂ ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଝାରସୁଗୁଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ, ଜିଲ୍ଲାପରିଷଦ ଜୋନ ୨ ଦିଗାମ୍ବର ଭୋଇ, ଝାରସୁଗୁଡା ବ୍ଲକ ଚେୟାରମ୍ୟାନ ଚିତ୍ରାଣି ପଟେଲ, ସାମାଜିକ କର୍ମୀ ତଥା ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ, ସ୍ଥାନୀୟ ସରପଞ୍ଚ ଯଶୋବନ୍ତି ପାଣ୍ଡେ ନାଏବ ସରପଞ୍ଚ ସୁଦୀପ୍ତ ପାଢ଼ୀ ସରୋଜ କୁମାର କାଲୋ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମିନତୀ ପାତ୍ର ପ୍ରଭୃତି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଦାବିପତ୍ର ଗ୍ରହଣ କରି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପବିତ୍ର କଉଡି, ହୀରାଲାଲ ବାଗ, ଭୁପେନ୍ଦ୍ର ତ୍ରିପାଠୀ, ଜଗଦୀଶ ପାଣିଗ୍ରାହୀ, ଯଜ୍ଞସେନି ଭୋଇ, ସନ୍ତୋସିନୀ ଭୋଇ, ବିଜୟ ଡିଲା, ଜୟନ୍ତୀ କାଲୋ, ଆହ୍ଲାଦିନି ଗଉଡ଼, ବିଜୟା ପାଣ୍ଡେ ପ୍ରଭୃତି ନେତୃବୃନ୍ଦଙ୍କ ସମେତ ଶ୍ରୀପୁରା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଅଟୋ, ୨୦ ଆହତ

**ମୋହନା: ଏକ୍ସପ୍ରେସ ନ୍ୟୁଜ୍**

ଅତ୍ୟଧିକ ଯାତ୍ରୀ ଥିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଲା ଅଟୋ। ଗଜପତି ଜିଲ୍ଲା ମୋହନା ନିକଟ ଗୋବିନ୍ଦପୁର ଗାଁରୁ ଏକ ଅଟୋରେ ଅତ୍ୟଧିକ ଯାତ୍ରୀ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଅଭିମୁଖେ ଯାଉଥିଲେ ଓ ଭେଟନଇ ନିକଟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଫଳରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ସମସ୍ତଙ୍କୁ ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଥିମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ପଠାଯାଇଛି। ଅଟୋରେ ୭-୮ ଜଣ ପୁରୁଷ, ୪-୫ ଜଣ ମହିଳା ଓ ୧୦-୧୧ ଜଣ ଥିବା ଜଣାପଡ଼ିଛି।

## ବେଆଇନ ବାଲି ଚାଲାଣ
## ୨୦ ହାଇଓ୍ୱା ଜବତ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଆକ୍ସନ୍ ମୁଡ୍‌ରେ ଭଦ୍ରକ ବନ୍ତ ପୁଲିସ। ବେଆଇନ ବାଲି ଗାଡି ଉପରେ ଚଢ଼ାଉ। ୨୦ଟି ବାଲି ବୋଝେଇ ହାଇଓ୍ୱା ଜବତ। ଟାର୍ଗେଟ୍‌ରେ ବାଲି ମାଫିଆ। ବୈତରଣୀ ଘାଟରୁ ଭଦ୍ରକକୁ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ଏହି ହାଇଓ୍ୱା ଜବତ ହୋଇଛି। ବନ୍ତ ପୁଲିସ ଗାଡିଗୁଡ଼ିକୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଆନନ୍ଦପୁର ବୈତରଣୀ ନଦୀର ବିଭିନ୍ନ ଘାଟରୁ ଭଦ୍ରକକୁ ବେଆଇନ ବାଲି ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଏହାପରେ ବନ୍ତ ପୁଲିସ ଭଦ୍ରକରୁ ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ବନ୍ତ ଓ ଏହାର ଆଖପାଖ ଅଞ୍ଚଳରେ ଚଢ଼ାଉ କରି ୨୦ଟି ବେଆଇନ ବାଲି ବୋଝେଇ ହାଇଓ୍ୱା ଜବତ କରିଛି। ପୁଲିସ ପିଛା କରୁଥିବା ଦେଖି କିଛି ହାଇଓ୍ୱା ତରବରିଆ ଭାବେ ରାସ୍ତା ପାର୍ଶ୍ୱରେ ବାଲି ଅନଲୋଡିଂ କରିଦେଇଛନ୍ତି। ତଥାପି ପୁଲିସ ଏହି ସବୁ ଗାଡି ଗୁଡ଼ିକୁ ଅଟକ ରଖି ତଦନ୍ତ ଚଳାଇଛି।

## ବନ୍ଧୁକ ଦେଖାଇ ବ୍ୟାଙ୍କରୁ ଲୁଟ୍

**ବଡ଼ବିଲ: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ ମହାରାଷ୍ଟ୍ର ଶାଖାରୁ ସୋମବାର ଏକ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ୫ ଲକ୍ଷ ନଗଦ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ, ୫ଟି ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ଆସି ବ୍ୟାଙ୍କରେ ପଶି ଥିଲେ। ପରେ ଦୁର୍ବୃତ୍ତମାନେ ଧରିଥିବା ବନ୍ଧୁକ ବାହାର କରି ବ୍ୟାଙ୍କ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ରଖି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏପରିକି ଦୁର୍ବୃତ୍ତମାନେ ବ୍ୟାଙ୍କରୁ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ୫ ଲକ୍ଷ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

### ବାଣିଜ୍ୟ

## ୩ ଲକ୍ଷ ଟପିଲା ରୂପା, ସୁନାର ନୂଆ ରେକର୍ଡ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ସୁନା ଏବଂ ରୂପା ମୂଲ୍ୟ ହ୍ରାସ ସମ୍ପର୍କରେ ସମସ୍ତ ପୂର୍ବାନୁମାନ ଭୁଲ ପ୍ରମାଣିତ ହେଉଥିବା ପରି ମନେ ହେଉଛି। ଉଭୟ ମୂଲ୍ୟବାନ ଧାତୁ ନିରନ୍ତର ନୂତନ ରେକର୍ଡ ସ୍ଥାପନ କରୁଛନ୍ତି। ସପ୍ତାହର ପ୍ରଥମ ବ୍ୟବସାୟ ଦିନ ସୋମବାର, ବଜାର ଖୋଲିବା ମାତ୍ରେ ରୂପାରେ ଏକ ବଡ଼ ବୃଦ୍ଧି ଦେଖାଯାଇଥିଲା ଏବଂ ଇତିହାସରେ ପ୍ରଥମ ଥର ପାଇଁ ଏକ କିଲୋଗ୍ରାମ ରୂପାର ମୂଲ୍ୟ ୩ଲକ୍ଷ ଟଙ୍କା ଅତିକ୍ରମ କରିଥିଲା।

ଏମସିଏକ୍ସରେ ମାର୍ଚ୍ଚ ମାସରେ ରୂପା ଫ୍ୟୁଚର୍ସ ୧୩,୫୫୦ କିମ୍ବା ୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ପ୍ରତି କିଲୋଗ୍ରାମ ୩,୦୧,୩୧୫ର ସର୍ବକାଳୀନ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ସୁନା ପଛରେ ନଥିଲା, ତୀବ୍ର ବୃଦ୍ଧି ସହିତ ଏକ ନୂତନ ଶିଖରରେ ପହଞ୍ଚିଥିଲା।

୨୦୨୫ରେ ଏକ ଦୃଢ଼ ବୃଦ୍ଧି ପରେ, ରୂପା ମଧ୍ୟ ୨୦୨୬ରେ ରେକର୍ଡ ଭାଙ୍ଗିବା ଗତି ସହିତ ଆରମ୍ଭ କରିଛି। ଜାନୁଆରୀରେ ଏପର୍ଯ୍ୟନ୍ତ, ରୂପାର ମୂଲ୍ୟ ୬୫,୬୧୪ ପ୍ରତି କିଲୋଗ୍ରାମ ବୃଦ୍ଧି ପାଇଛି। ଡିସେମ୍ବର ୩୧, ୨୦୨୫ରେ ଏକ କିଲୋଗ୍ରାମ ରୂପାର ମୂଲ୍ୟ ୨,୩୫,୭୦୧ ଥିବା ବେଳେ, ଏହା ବର୍ତ୍ତମାନ ୩,୦୧,୩୧୫ ପ୍ରତି କିଲୋଗ୍ରାମର ଐତିହାସିକ ସର୍ବୋଚ୍ଚସ୍ତରରେ ପହଞ୍ଚିଛି।

ତେବେ ସୁନା ମୂଲ୍ୟ ମଧ୍ୟ ସମାନ ଗତି ଦେଖାଇଛି। ଗତ ଶୁକ୍ରବାର ଏମସିଏକ୍ସ ଫେବୃଆରୀ ଫ୍ୟୁଚର୍ସ ସୁନା ପ୍ରତି ୧୦ ଗ୍ରାମ ୧,୪୨,୫୧୭ରେ ବନ୍ଦ ହୋଇଥିଲା, କିନ୍ତୁ ସୋମବାର କାରବାର ଆରମ୍ଭ ହେବା ମାତ୍ରେ ଏହା ପ୍ରତି ୧୦ ଗ୍ରାମ ୧,୪୫,୫୦୦ର ଏକ ନୂତନ ରେକର୍ଡ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଗୋଟିଏ ସେସନରେ ପ୍ରାୟ ୨,୯୮୩ ବୃଦ୍ଧି।

ବର୍ଷ ଆରମ୍ଭରୁ ଏପର୍ଯ୍ୟନ୍ତ ତଥ୍ୟକୁ ଦେଖିଲେ, ଡିସେମ୍ବର ୩୧,୨୦୨୫ରେ ୧୦ଗ୍ରାମ ସୁନାର ମୂଲ୍ୟ ୧,୩୫,୮୦୪ ଥିଲା। ବର୍ତ୍ତମାନ ସ୍ତରରେ, ସୁନା ପ୍ରତି ୧୦ ଗ୍ରାମ ୯,୬୯୬ ମହଙ୍ଗା ହୋଇଛି।

ତେବେ ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଗ୍ରୀନଲାଣ୍ଡ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଧମକ ବିଶ୍ୱ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି କରିଛି। ଏହି ଅନିଶ୍ଚିତ ପରିବେଶରେ, ନିବେଶକମାନେ ସୁରକ୍ଷିତ ନିବେଶ ବିକଳ୍ପ ଆଡକୁ ମୁହାଁଇଛନ୍ତି, ଯାହା ସିଧାସଳଖ ସୁନା ଏବଂ ରୂପା ମୂଲ୍ୟକୁ ଲାଭ ଦେଉଛି।

## ସଭାପତିଙ୍କ ଇସ୍ତଫା ପରେ ଶାନ୍ତ ପଡିଲା ଆନ୍ଦୋଳନ



**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ସାମୟିକ ଶାନ୍ତ ପଡିଛି ଶିକ୍ଷକ ବଦଳି ଘଟଣା। ଇତି ମଧ୍ୟରେ ଇସ୍ତଫା ଦେଲେ ବିଦ୍ୟାଳୟ ସଭାପତି। ଏପଟେ ବଦଳି ଆଦେଶ ଥିବା ସହକାରୀ ଶିକ୍ଷକଙ୍କୁ କବିସୂର୍ଯ୍ୟନଗର ବିଇଓ କୈଫୟତ ତଲବ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକରୀ ଅଲିଖିତ ନିର୍ଦ୍ଦେଶ ଦେଇ ଆଦେଶ ଅବମାନନା ଓ ଆନ୍ଦୋଳନରେ ସାମିଲ ଥିବା ଶିକ୍ଷକଙ୍କୁ କୁଆଡେ ନିଲମ୍ବନ କରିବାକୁ ବିଇଓଙ୍କୁ ଚାପ ପକାଉଥିବା ଏବେ ଚର୍ଚ୍ଚା ଧରିଲାଣି।

ହେଲେ ବିବାଦର ସମାଧାନ ପାଇଁ ବାଟ ଖୋଜିବା ପରିବର୍ତ୍ତେ ପ୍ରଶାସନିକ ସ୍ତରରେ ବିବାଦ ବଢାଉଥିବା ଯୋଗୁଁ ଏବେ ବିଦ୍ୟାଳୟ ବିବାଦ ଭିନ୍ନ ମୋଡ଼ ନେଲାଣି। ଯାହା ସୂଚନା ରହିଛି ଗତ ୧୫ ତାରିଖ ଦିନ କବିସୂର୍ଯ୍ୟନଗର ବ୍ଲକ ବରିଡା ସ୍ଥିତ ଦଧିବାମନ ହାଇସ୍କୁଲର ସହକାରୀ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ଡିଆଡ଼ିପଲ୍ଲୀ ପ୍ରାଥମିକ ବିଦ୍ୟାଳୟକୁ କ୍ଲାସ ପରିଚାଳନା ପାଇଁ ବିଇଓ ନିର୍ଦ୍ଦେଶ ଦେଇଥିଲେ। ହେଲେ ପିଏମଶ୍ରୀ ଉତ୍ସବ ଦିନ ସମ୍ପୃକ୍ତ ଶିକ୍ଷକଙ୍କୁ ରିଲିଭ କରିବାକୁ ପ୍ରଧାନ ଶିକ୍ଷକ ପ୍ରସ୍ତୁତ ଥିବା ବେଳେ ବଦଳି ଆଦେଶ ବାତିଲ ପାଇଁ ଗ୍ରାମବାସୀ ମାନେ ଆନ୍ଦୋଳନ କରିଥିଲେ।

ବିବାଦ ଉତ୍ତେଜନା ଦୁଇ ଦିନ ଧରି ଚାଲିବା ପରେ ବିଡିଓ ତହସିଲଦାର ବିଇଓ ଯାଇ ବୁଝାସୁଝା କରିବା ପରେ ୧୭ ତାରିଖ ଦିନ ପିଟିଏମ୍ ବୈଠକ ବସିବା ପୂର୍ବରୁ ପରିଚାଳନା ସଭାପତି ନୀଳମଧାବ ପ୍ରଧାନ କୁଆଡେ ଇସ୍ତଫା ଦେଇଥିବା ଶୁଣାଯାଇଛି। ରାଜନୈତିକ ଚାପରେ ଡିଇଓଙ୍କ ଅଲିଖିତ ନିର୍ଦ୍ଦେଶରେ ବିଇଓଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ବିବାଦ ଦେଖାଦେଇଥିବା ବେଳେ ପୁଣି ୧୭ ତାରିଖରେ କବିସୂର୍ଯ୍ୟନଗର ବିଇଓ ସମ୍ପୃକ୍ତ ଶିକ୍ଷକଙ୍କୁ ମିଡ଼ିଆରେ ପ୍ରତିକ୍ରିୟା ଦେବା ଏବଂ ଆନ୍ଦୋଳନରେ ସାମିଲ ହୋଇଥିବା ଯୋଗୁଁ କୈଫୟତ ମାଗିଥିବା ଏକ ଚିଠିକୁ ନେଇ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ହେଲେ ବିଦ୍ୟାଳୟରେ ବିଶୃଙ୍ଖଳା ପାଇଁ ସଭାପତି ଓ ପ୍ରଧାନ ଶିକ୍ଷକଙ୍କ ସମ୍ପୃକ୍ତି ଅଭିଯୋଗ ହେଉଥିବା ବେଳେ ସଭାପତିଙ୍କ ଇସ୍ତଫା ପରେ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କଲେ ଶାନ୍ତ ଫେରିବ ବୋଲି ଏବେ ଆଲୋଚନା ହେଉଛି। ସେପଟେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆଦେଶକୁ ଅମାନ୍ୟ କରିଥିବା ଯୋଗୁଁ ନିଲମ୍ବନ କରିବା ଯୋଜନା କରି ଏବେ ବିଇଓଙ୍କ କୈଫତ ତଲବ ଚିଠି ପରେ ପୁଣି ବିବାଦ ବଢିବା ଆଶଙ୍କା ରହିଥିବା ବେଳେ ବଦଳି ଆଦେଶ ବାତିଲ ପାଇଁ ଗ୍ରାମବାସୀ ଜିଦରେ ଅଛନ୍ତି। ଯାହା ଶୁଣାଯାଉଛି ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି ଅଚାନକ ଜୈନିକ ଶିକ୍ଷକଙ୍କୁ ବଦଳି କାହିଁକି କରାଗଲା ବୋଲି ଗ୍ରାମବାସୀମାନେ ପ୍ରଶ୍ନ କରୁଥିବା ବେଳେ ଏବେ ଅଡୁଆରେ ପଡିଛି ଶିକ୍ଷାବିଭାଗ। ରାଜନୈତିକ ଚାପରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକରୀ କବିସୂର୍ଯ୍ୟନଗର ବିଇଓଙ୍କୁ ମୌଖିକ ଆଦେଶ ଦେଇ ଗ୍ରାମରେ ଅଶାନ୍ତି ବୃଦ୍ଧି କରୁଥିବା ବେଳେ ଡିଇଓ ଲିଖିତ ଆଦେଶ କାହିଁକି ଦେଉନାହାନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ଆପ୍ରତୀକର ପରିସ୍ଥିତିକୁ ନେଇ ଗଞ୍ଜାମ ଜିଲ୍ଲାପାଳ ନିଜେ ହସ୍ତକ୍ଷେପ କରି ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ ନକଲେ ସମ୍ଭବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିପାରେ ବୋଲି ବିଭିନ୍ନ ମହଲରୁ ଶୁଣିବାକୁ ମିଳିଲାଣି। ଘଟଣାକୁ ନେଇ ପ୍ରଧାନ ଶିକ୍ଷକ କିମ୍ବା ସଭାପତିଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଶିକ୍ଷକ ବଦଳି ଘଟଣା

### ସିନେମାଫିନେମା ଟିଭିଫିବି

## ପତ୍ନୀଙ୍କ ଅଭିଯୋଗ ଉପରେ ମୁହଁ ଖୋଲିଲେ ଗୋବିନ୍ଦା



ପତ୍ନୀ ସୁନିତା ଆହୁଜା ତାଙ୍କ ବିବାଦୀୟ ବୟାନ ପାଇଁ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ସେ ତାଙ୍କ ସ୍ୱାମୀ ଗୋବିନ୍ଦାଙ୍କ ଉପରେ ବାରମ୍ବାର ଆଫେୟାର୍ସ ଥିବା ନେଇ ଅଭିଯୋଗ କରିଛନ୍ତି। ଏଥର ବଲିଉଡ ସୁପରଷ୍ଟାର ଗୋବିନ୍ଦା ମଧ୍ୟ ସମସ୍ତ ଅଭିଯୋଗର ଖୋଲାଖୋଲି ଭାବେ ଜବାବ ଦେଇଛନ୍ତି।

ଗୋବିନ୍ଦା କହିଛନ୍ତି, 'ମୁଁ ବର୍ତ୍ତମାନ ଅନୁଭବ କରିଛି ଯେ ଯେତେବେଳେ ଆମେ ନୀରବ ରହୁ, ନାହିଁ ତ ଅନ୍ୟମାନଙ୍କ ନିକଟରେ ଦୁର୍ବଳ ଦେଖାଯାଉ ବା ଏମିତି ବି ଲାଗେ ଯେ ଆମେ ସବୁଠାରୁ ବଡ଼ ସମସ୍ୟାରେ ଅଛୁ। ସେଥିପାଇଁ ମୁଁ ଏସବୁର ପ୍ରତିକ୍ରିୟା ଦେଉଛି। ମୋତେ କୁହାଯାଇଛି ଯେ ମୋ ପରିବାରର ସଦସ୍ୟମାନେ ଅଜାଣତରେ ଏସବୁରେ ଜଡିତ ହୋଇପାରନ୍ତି। ସେମାନେ ଜାଣି ପାରନ୍ତି ନାହିଁ ଯେ ସେମାନଙ୍କୁ ଏକ ବଡ଼ ଷଡ଼ଯନ୍ତ୍ରର ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟବହାର କରାଯାଉଛି।

ଦୁଃଖ ପ୍ରକାଶ କରି ଗୋବିନ୍ଦା କହିଛନ୍ତି, 'ସେ କେବେ ତାଙ୍କ ସ୍ତ୍ରୀ କିମ୍ବା ପରିବାର ବିରୁଦ୍ଧରେ କଥା କୁହନ୍ତି ନାହିଁ। ସେ ଚାହାଁନ୍ତି ଯେ ଲୋକମାନେ ସତ୍ୟକୁ ବୁଝନ୍ତୁ।' ସେ ଆହୁରି ମଧ୍ୟ କହିଛନ୍ତି, ସେ ନିଜେ ଅନେକ ଫିଲ୍ମ ମନା କରିଛନ୍ତି, ଯେଉଁଥିପାଇଁ ସେ କାନ୍ଦୁ ନାହାନ୍ତି। କିନ୍ତୁ ଏବେ ସେ ତାଙ୍କ ପରିବାର ସମ୍ବନ୍ଧୀୟ ପ୍ରସଙ୍ଗରେ ଚୁପ୍ ରହିବେ ନାହିଁ।

ସୁନୀତା ନିକଟରେ ଏକ ସାକ୍ଷାତକାରରେ କହିଥିଲେ ଯେ ୬୩ ବର୍ଷ ବୟସରେ, ଏପରି ବ୍ୟବହାର କରିବା ଉଚିତ୍ ନୁହେଁ। ସେ ପରୋକ୍ଷରେ ଜଣେ ମହିଳାଙ୍କ ନାମ ମଧ୍ୟ ନେଇଥିଲେ ଏବଂ ଅଭିଯୋଗ କରିଥିଲେ ଯେ ସେ ଗୋବିନ୍ଦଙ୍କୁ ବ୍ଲାକମେଲ୍ କରୁଥିଲେ। ତଥାପି, ଗୋବିନ୍ଦା ଏହାକୁ ଏକ ଷଡ଼ଯନ୍ତ୍ର ବୋଲି ଖାରଜ କରିଛନ୍ତି। ସେ କହିଛନ୍ତି ଯେ ଏହା ତାଙ୍କ ସମ୍ମାନ ଏବଂ ତାଙ୍କ ପରିବାରକୁ କ୍ଷତି ପହଞ୍ଚାଇବା ପାଇଁ କରାଯାଉଛି।

# ଏନ୍‌ଜିଟିର ନିର୍ଦ୍ଦେଶ ସତ୍ତ୍ୱେ ବଳିଆପଣ୍ଡାରୁ ଅଳିଆ ପାହାଡ଼ ହଟୁନି

**୧୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ବଳିଆପଣ୍ଡା ଡମ୍ପିଂୟାର୍ଡ ପ୍ରସଙ୍ଗରେ ଏନ୍‌ଜିଟିର ନିର୍ଦ୍ଦେଶକୁ ପ୍ରଶାସନ ଫୁ’ କରି ଦେଇଥିବା ଦେଖିବାକୁ ମିଳୁଛି । ଏନ୍‌ଜିଟିର ନିର୍ଦ୍ଦେଶ ସତ୍ତ୍ୱେ ଅଳିଆ ପାହାଡ଼ ଏଯାବତ ନ ହଟିବାରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ହେଉଛନ୍ତି । ଏହି ଘଟଣା ଆଜିକାଲିର ନୁହେଁ, ବର୍ଷ ବର୍ଷ ଧରି ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି । ବଳିଆପଣ୍ଡାଠାରେ ପୁରୀ ସହରର ଅଧିକାଂଶ ସ୍ଥାନରୁ ଆସୁଥିବା ବର୍ଜ୍ୟବସ୍ତୁ ପକାଯାଏ । ସେଠାରୁ ବର୍ଜ୍ୟବସ୍ତୁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ନିଆ ନ ଯାଇ ସେଠାରେ ହିଁ ପୋଡ଼ି ଦିଆଯାଉଛି । ଏହାର ପ୍ରଭାବରେ ସ୍ଥାନୀୟ ଅଞ୍ଚଳର ଜଳ ଓ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି । ସେଠାକାର ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି ।



ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ନ ହେବା ଓ ଆବଶ୍ୟକ ଡ୍ରେନେଜ୍ ବ୍ୟବସ୍ଥା ନ ରହିବା ଯୋଗୁ ସେହି ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଏନେଇ ଆବେଦନକାରୀ ଚିନ୍ମୟ ଦାଶ ଏହି ପ୍ରସଙ୍ଗ ନେଇ ଏନଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ । ଏନ୍‌ଜିଟି ସେଠାରୁ ଅଳିଆ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇନାହିଁ । ବଳିଆପଣ୍ଡାର ଅଳିଆ ପାହାଡ଼ରେ ଶୁକ୍ରବାର ରାତିରେ ନିଆଁ ଲାଗିବାରୁ ବ୍ୟାପିଥିବା ଧୂଆଁରେ ସାହିବାସିନ୍ଦା ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି । ବୟସ୍କ, ଛୁଆ, ରୋଗୀ ଶ୍ୱାସରୁଦ୍ଧ ପରି ଅବସ୍ଥା ଅନୁଭବ କରିଥିଲେ । ପୌରପାଳିକା ଅନ୍ତର୍ଗତ ଗୌଡ଼ବାଡ଼ ସାହି ସାର ଗୋଦାମ ନିକଟରେ ବର୍ଷ ବର୍ଷ ଧରି ସହରର ସମସ୍ତ ଆବର୍ଜନା ସେଠାରେ ଜମାହୋଇ ପାହାଡ଼ ସୃଷ୍ଟି ହୋଇଛି । ବିଭିନ୍ନ ସମୟରେ ଅଳିଆଗଦା ପାହାଡ଼ରେ ନିଆଁ ଲାଗିବା ଯୋଗୁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି ।

ସେହିପରି ସ୍ଥାନୀୟ ଲୋକେ ପ୍ରଦୂଷିତ ପାଣି ପିଉଥିବା ନେଇ କେନ୍ଦ୍ରୀୟ ଭୂତଳ ଜଳ ରିପୋର୍ଟରୁ ସ୍ପଷ୍ଟ ହେବାପରେ ପ୍ରଶାସନର ଆକ୍ସନ ଉପରେ ଉଠିଛି ପ୍ରଶ୍ନ । ପରିବେଶ ପ୍ରଦୂଷଣ ଓ ଧୂଆଁର ପ୍ରକୋପରେ ଅନେକ ଲୋକ ଗଭୀର ଶ୍ୱାସଜନିତ ସମସ୍ୟାରେ ଯୁଝି ହେଉଥିବା ଅଭିଯୋଗ ହୋଇଛି । ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଦୀର୍ଘଦିନ ହେବ ସହର ଭିତରୁ ଏହି ଅଳିଆଗଦା ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିନାହିଁ । ଫଳରେ ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ସମସ୍ୟା ଭୋଗୁଛନ୍ତି । ତୁରନ୍ତ ଏଠାରୁ ଡମ୍ପିଂୟାର୍ଡ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ଦ୍ୱିତୀୟା |
|---|---|
| ୨୦.୧.୨୦୨୬ | ନକ୍ଷତ୍ର– ଶ୍ରବଣା, ମକରଚନ୍ଦ୍ର |

| | |
|---|---|
| **ମେଷ** | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| **ବୃଷ** | : ଚକ୍ଷୁପୀଡ଼ା କଷ୍ଟଦେବ । |
| **ମିଥୁନ** | : ଦୁର୍ଘଟଣାଜନିତ ଭୟ ରହିଛି । |
| **କର୍କଟ** | : ବ୍ୟବସାୟରେ ଆର୍ଥିକ ଲାଭ ପାଇବେ । |
| **ସିଂହ** | : ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| **କନ୍ୟା** | : ନୂତନ କର୍ମେ ଖୁସି ପାଇବେ । |
| **ତୁଳା** | : କିଛି ବି ଅଘଟଣ ଘଟିପାରେ । |
| **ବିଛା** | : ଦିନଟି ଘାତ ପ୍ରତିଘାତ ମଧ୍ୟରେ କଟିବ । |
| **ଧନୁ** | : କର୍ମେ ବିପଦ ଦେଖାଦେବ । |
| **ମକର** | : ଦିନଟି ।ନନ୍ଦ ଓ ଖୁସିରେ କଟିବ । |
| **କୁମ୍ଭ** | : ମାନସିକ ଅଶାନ୍ତି ଦେଖାଦେବ । |
| **ମୀନ** | : କର୍ମକ୍ଷେତ୍ରରେ ଖୁସି ପାଇବେ । |

## ଏକାଧିକ ସ୍ଥାନରେ ଖୋଲିନି ମଣ୍ଡି
## ଧାନବିକ୍ରି ଅପେକ୍ଷାରେ ଚାଷୀ

**ଖଣ୍ଡପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଡିସେମ୍ବର ୨୯ ତାରିଖରୁ ସମଗ୍ର ନୟାଗଡ ଜିଲ୍ଲାରେ ଧାନମଣ୍ଡି ଖୋଲିବା ପାଇଁ ନୟାଗଡ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିଲେ । ମାତ୍ର ଅଦ୍ୟାବଧି ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଯୋଗିଆପଲ୍ଲୀ ଓ ବେଣାଗାଡିଆ ସେବା ସମବାୟ ସମିତିକୁ ବାଦ ଦେଲେ ଆଉ କେଉଁଠି ହେଲେ ଧାନମଣ୍ଡି ଖୋଲାନାହିଁ । ଫଳରେ ମଣ୍ଡିରେ ଉଚିତ ମୂଲ୍ୟରେ ଧାନ ବିକ୍ରୟ କରିବା ପାଇଁ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଚାତକ ପରି ଚାହିଁ ରହିଥିବା ଜଣାଯାଇଛି । ଗତ ୨ ମାସ ତଳୁ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଧାନ ଅମଳ କାର୍ଯ୍ୟ ଶେଷ କରିଥିବା ଜଣାଯାଇଛି । ମାତ୍ର ଧାନ ମଣ୍ଡି ଖୋଲୁ ନଥିବାର ସୁଯୋଗ ନେଇ ଗାଁ ଗାଁରେ ଦଲାଲମାନେ ବେଶ ସକ୍ରୀୟ ହୋଇ ଉଠିଥିବା ଜଣାଯାଇଛି । ଧାନ ବେପାରୀଙ୍କ ଠାରୁ ଆରମ୍ଭ କରି ଦଲାଲମାନେ ସିଧାସଳଖ ଚାଷୀଙ୍କ ଠାରୁ ଶାଗମାଛ ଦରରେ ଧାନ କ୍ରୟ କରିବା ପାଇଁ ଏବେ କସରତ ଆରମ୍ଭ କରି ଦେଇଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଧାର କରଜ କରି ଚାଷ କରୁଥିବା ଚାଷୀମାନେ ଏବେ ଅଭାବୀ ଧାନ ବିକ୍ରିର ଶିକାର ହେବାର ଆଶଙ୍କା ପ୍ରକାଶ ପାଇଛିଛଫଳରେ ଚାଷୀମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି । ଦଲାଲ ମାନେ ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ ଧାନ କ୍ୱିଣ୍ଟାଲ ପିଛା ୧୯୦୦ ରୁ ୨୦୦୦ ଟଙ୍କାରେ କ୍ରୟ କରିବାକୁ ବାଧ୍ୟ କରୁଥିବା ଜଣାପଡିଛି । ଏଭଳି ସ୍ଥିତିରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁରନ୍ତ ଧାନମଣ୍ଡି ଖୋଲିବା ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।

# କାମ ନ ସରୁଣୁ ଭାଙ୍ଗିଗଲାଣି ‘ମୋ ପ୍ରିୟ କୋଦଳା’ର ରେଲିଙ୍ଗ

**କୋଦଳା, ୧୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଦୁର୍ନୀତି ଫଲସ ବିଲ ଓ ଅତ୍ୟଧିକ ପିସି କାରବାର ଚାଲୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ବାରମ୍ବାର ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ନୀରବତାକୁ ନେଇ ଏବେ ଖୁବ ଚର୍ଚ୍ଚା ହେଉଛି । ପ୍ରକାଶ ଥାଉକି କିଛି ମାସ ତଳେ କୋଦଳା ବସ୍‌ଷ୍ଟାଣ୍ଡ ନିକଟରେ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ଦଶଲକ୍ଷ ଅଟକଳ ମୂଲ୍ୟରେ ମୋ ପ୍ରିୟ କୋଦଳା ନିର୍ମାଣ କରାଯାଇଥିବା ବେଳେ ସେଇ କାମ ବର୍ତ୍ତମାନ ସୁଦ୍ଧା ଶେଷ ନହେଉଣୁ ଏବେ ତାହା ଭଗ୍ନ ଅବସ୍ଥାରେ ପଡ଼ିରହିଛି ଓ ବର୍ତ୍ତମାନ ସୁଦ୍ଧା ଲାଇଟ ମଧ୍ୟ ଲଗାଯାଇନାହିଁ । ଯାହା ଶୁଣିବାକୁ ମିଳୁଛି ଅଧ୍ୟକ୍ଷ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଅତ୍ୟଧିକ ପିସି ନେଉଥିବା ଯୋଗୁ ଏଇଭଳି ନିମ୍ନମାନର କାମ ହେଉଥିବା ଦେଖିବାକୁ ମିଳୁଛି । ଖାଲି ସେତିକି ନୁହଁ ବିଭିନ୍ନ ସମୟରେ ଗୋଟିଏ କାମକୁ ଦୁଇ




ଦୁଇ ଥର ସଟ୍ ଟେଣ୍ଡର ବାହାର କରି ଟଙ୍କା ଆତ୍ମସାତ କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ଏହାର ମାଷ୍ଟର ମାଇଣ୍ଡ ଖୋଦ ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବୋଲି ଆଲୋଚନା ମଧ୍ୟ ହେଉଛି । ଏହି ଏନଏସିରେ ହେଉଥିବା ଦୁର୍ନୀତିକୁ ନେଇ ସୂଚନା ଅଧିକାର କର୍ମୀ ସମରଜିତ ମହାନ୍ତି ଆରଟିଆଇ ମାଧ୍ୟମରେ ସୂଚନା ମାଗିଥିଲେ ମଧ୍ୟ ତଥ୍ୟ ଦେଉନାହାନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ । ଏ ନେଇ ଶ୍ରୀ ମହାନ୍ତି ବ୍ରହ୍ମପୁରରେ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରିଥିଲେ । ଆହୁରି ଶ୍ରୀ ମହାନ୍ତି କହିଛନ୍ତି ଭିଜିଲାନ୍ସ ଏହାର ତଦନ୍ତ କଲେ ସବୁ ଗୁମର ଖୋଲିବ । ଏନେଇ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗକୁ କୋଦଳା ଏନଏସିରେ ହେଉଥିବା ଦୁର୍ନୀତିକୁ ନେଇ ପିଟିସନ ମଧ୍ୟ ଦେଇଥିବା ସାମ୍ବାଦିକ ସମିଳନୀରେ କହିଛନ୍ତି ଶ୍ରୀ ମହାନ୍ତି । ଯଦି ଏହାର ତଦନ୍ତ ନ ହୁଏ ତାହାଲେ ମାନ୍ୟବର ଉଚ୍ଚନ୍ୟାୟଳୟର ଆଶ୍ରୟ ନେବେ । କୋଦଳା ଏନଏସିର ଏଗାର ନମ୍ବର ଓ୍ୱାର୍ଡର କାଉସିଲର ଭଗବାନ ପାଢ଼ୀ ମଧ୍ୟ ଏହି ଏନଏସିରେ ହେଉଥିବା ଟେଣ୍ଡର ଫିକ୍ସିଙ୍ଗ ଗୋଟିଏ କାମକୁ ୨ ଥର ବାହାର କରି ଟଙ୍କା ଆତ୍ମସାତ କରିବା, ନିମ୍ନମାନର କାମହେଉଥିବା ନେଇ ଗଞ୍ଜାମ ଜିଲ୍ଲାପାଳ ଓ ପିଡି ଡୁଡାଙ୍କୁ ଫୋନ ଯୋଗେ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ତଦନ୍ତ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଶ୍ରୀ ପାଢ଼ୀ । ଏବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ କେବେ କରିବେ ତଦନ୍ତ ? ନା ଆଖିରେ ଅନ୍ଧ ପୁଟୁଳି ବାନ୍ଧି ନିରବୀ ଯିବେ?

## ଟୋକନରେ ଧାନବିକ୍ରି ପରିମାଣ କମିବାକୁ ନେଇ ଚାଷୀଙ୍କ ଅଭିଯୋଗ

**ଭଦ୍ରକ, ୧୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ଗ୍ରାମର ଚାଷୀ ରାମକୃଷ୍ଣ ବିଶ୍ୱାଳ ୨୦୨୪–୨୫ ବର୍ଷ ଓ ପୂର୍ବରୁ ମଧ୍ୟ ଟୋକନ ପାଇ ୨୪.୮୯ କ୍ୱିଣ୍ଟାଲ ଧାନ ବିକ୍ରୟ କରି ଆସୁଥିଲେ । ଚଳିତ ବର୍ଷ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଟୋକନ ଆସିଛି । ଏହାକୁ ନେଇ ରାମକୃଷ୍ଣ ପ୍ରଶ୍ନ ଉଠାଇ ଧାନକ୍ରୟ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ରାମକୃଷ୍ଣଙ୍କ ପୈତୃକ ଚାଷଜମି ପରିମାଣ ୨ଏକର ୬୨ ଡେସିମିଲ ଅଟେ। ବଡକୋଳିପଦୀ ରାଜସ୍ୱ ଗ୍ରାମର ଖାତା ନଂ ୧୫୮ ଓ ପ୍ଲଟ ନଂ୧୯୭ରେ ୧.୯୦ ଡେସିମିଲ ଓ ଖାତା ନଂ ୧୬୬ ଓ ପ୍ଲଟ ନଂ ୩୦୩ରେ ଏ୦.୭୨ ଡେସିମିଲ ଚାଷଜମି ପରିବାର ନାମରେ ରହିଛି । ୨ ଭାଇ ରାମକୃଷ୍ଣ ଓ ରାଜେନ୍ଦ୍ରଙ୍କ ମଧ୍ୟରେ ୧.୩୧ ଡେମିମିଲ ଜମି ଭାଗ ହୋଇଛି। ପ୍ରତ୍ୟେକ ଏ୧.୩୧ଡେସିମିଲ ଜମି ଧାନବିକ୍ରୟ ପାଇଁ ପଞ୍ଜିକରଣ କରିଆସୁଛନ୍ତି । ଏଥର ମଧ୍ୟ ସାନଭାଇ ରାଜେନ୍ଦ୍ର ନାମରେ ୨୪.୮୯କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଛି। ମାତ୍ର ବଡଭାଇ ରାମକୃଷ୍ଣଙ୍କ ନାମରେ ୧୫୫୦୭୦୩ନଂ ଟୋକନ ଯୋଗେ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଆସିଛି। ଏହାକୁ ନେଇ ହତବାକ ହୋଇଛନ୍ତି ଚାଷୀ ରାମକୃଷ୍ଣ। ରାମକୃଷ୍ଣ ବ୍ଲକ ମାର୍କେଟିଂ ଇନିସପେକ୍ଟର, ଜିଲ୍ଲା ସମବାୟ ଅଧିକାରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲେ। ମାତ୍ର ଏହାର କୌଣସି ପ୍ରତିକାର ହୋଇନାହିଁ। ଅନ୍ୟପକ୍ଷରେ ମଣ୍ଡିରେ ପଞ୍ଜିକରଣ ସମୟରେ ସମସ୍ତ ଜମି ଦରଜ କରାଯାଇ ଚାଷୀଙ୍କ ଆଇସ୍କାନ କରାଯାଇଛି ବୋଲି ଏ ସମ୍ପର୍କରେ ସିରିଡିସାଇ ମଣ୍ଡି ପକ୍ଷରୁ କୁହାଯାଇଛି। ବ୍ୟବସ୍ଥା ଜନିତ ତୃଟି ପାଇଁ ଚାଷୀଙ୍କ ସ୍ୱାର୍ଥ ବଳିପଡୁଛି ବୋଲି ରାମକୃଷ୍ଣ ପ୍ରକାଶ କରିଛନ୍ତି। ତୁରନ୍ତ ତୃଟି ସଂଶୋଧନ କରି ଉପଯୁକ୍ତ ପରିମାଣ ଧାନ ବିକ୍ରୟ ପାଇଁ ସୁଯୋଗ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ହିନ୍ଦୋଳ ସଦରମହକୁମାର ନାମ ଲିଭାଇଦେବାକୁ ଅଦୃଶ୍ୟ ଷଡ଼ଯନ୍ତ୍ର

**ଢେଙ୍କାନାଳ, ୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ପ୍ରମୁଖ ପୂର୍ବତନ ଗଡଜାତରାଜ୍ୟ ଭାବରେ ଇତିହାସ ପରିଚିତ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବିଧାନସଭା କ୍ଷେତ୍ରର ହିନ୍ଦୋଳ ଗଡ଼। ଯାହାର ରାଜଧାନୀ ହିନ୍ଦୋଳ ଉପଖଣ୍ଡ ବର୍ତ୍ତମାନର ସଦର ମହକୁମା ଯାହାକୁ ହିନ୍ଦୁଲ ନାମକ କନ୍ଧରାଜା ପ୍ରତିଷ୍ଠା କରିଥିଲେ। ଏଠାରେ ରାଜାଙ୍କ ରାଜପ୍ରସାଦ ଥିବାବେଳେ ଅଧିଷ୍ଠାତ୍ରୀଦେବି ମା ରଙ୍କେଇ ଏବଂ ରାଜ୍ୟର ଅନ୍ୟତମ ଜଗନ୍ନାଥ ମନ୍ଦିରରେ ଆରାଧଦେବ ପ୍ରଭୁ ଦଧିବାମନ ଜୀଉ ଅବସ୍ଥାପିତ। ଉପଜିଲ୍ଲାପାଳଙ୍କ ଅଫିସ, ସବଜର୍ଜକୋର୍ଟ, ତହସିଲ, ବ୍ଲକ, ଉପଖଣ୍ଡ ଆରକ୍ଷୀଅଧିକ୍ଷକ କାର୍ଯ୍ୟାଳୟ, ଉପଖଣ୍ଡ ଡାକ୍ତରଖାନା, ଏନଏସି, ବନବିଭାଗ, ଅବକାରୀ, ଆରଡ଼ି, ପିଡବ୍ଲ୍ୟୁଡ଼ି, ପିଏଚଡ଼ି, ଉପଖଣ୍ଡ ନିବନ୍ଧକ, ଟ୍ରେଜେରି, କଲେଜ, ପୁରାତନ ହାଇସ୍କୁଲ ଇତ୍ୟାଦି ସହ ଉପଖଣ୍ଡର ପ୍ରମୁଖ ମୁଖ୍ୟ ପ୍ରଶାସନିକ କାର୍ଯ୍ୟାଳୟ ଅବସ୍ଥାପିତ। ଏଥିସହ ବହୁପୁରାତନ ରଘୁନାଥ ମନ୍ଦିର, ରାଧାମୋହନ ମନ୍ଦିର, ନନ୍ଦିନିଆ ସମେତ ବହୁ ଶୈବପିଠ ସମେତ ଅନେକ ଧାର୍ମିକପିଠ ଏଠାରେ ଥିବାରୁ ଏହା ସ୍ୱାଧୀନତା ପରେ ସଦରମହକୁମାରେ ପରିଣତ ହୋଇଛି । ତେବେ ଗତ କିଛିବର୍ଷ ଧରି ଏକ ଅଦୃଶ୍ୟ ପ୍ରଭାବଶାଳୀ ଶକ୍ତିର ଅଦୃଶ୍ୟ ଷଡଯନ୍ତ୍ରପାଇଁ ହିନ୍ଦୋଳ ସଦରମହକୁମାର ଗୁରୁତ୍ୱ ହ୍ରାସପାଇଁ ଆହୋରହ ଉଦ୍ୟମ ଚାଲିଛି । ପୂର୍ବରୁ ଉପଖଣ୍ଡର ଅନ୍ୟତମ ଅଞ୍ଚଳ ରସୋଳରେ ସରକାରୀ ନିୟମମାନୁଯାୟୀ ଅନେକ ନାମକରଣ ରସୋଳ ହିନ୍ଦୋଳ ଲେଖାନଯାଇ ରସୋଳ–ଢେଙ୍କାନାଳ ଲେଖାଯାଉଥିବା ଦେଖିବାକୁ ମିଳୁଥିବାବେଳେ ଏବେ ଗତ ୧୭/୧/୨୬ରେ ହିନ୍ଦୋଳ ସଦରମହକୁମା ହିନ୍ଦୋଳ ଏନଏସି ଓ୍ୱାର୍ଡନଂ–୧୩ଠାରେ ଉଦଘାଟିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସରକାରୀ ଡାକ୍ତରଖାନା ନାମଫଳକରେ ବିଜ୍ଞାପିତପରିଷଦ ଅଞ୍ଚଳ ମଙ୍ଗଳପୁର– ଢେଙ୍କାନାଳ ଲେଖାହୋଇଛି ଏବଂ ହିନ୍ଦୋଳର ନାମଗନ୍ଧ ନାହିଁ । ତେବେ ଏଠାରୁ କିଛି ସରକାରୀ ସଂସ୍ଥା ଅନ୍ୟତ୍ର ଉଠାଇ ନିଆଯାଇଥିବାବେଳେ ଅନେକ ସରକାରୀ ଅଫିସ ଉଠାଇଦେବାକୁ ଚାଲିଛି ମାଷ୍ଟରପ୍ଲାନ । ସେହିପରି ବ୍ଲକ ମହୋତ୍ସବ, ପ୍ରାଣୀ ଓ ପଶୁସମ୍ପଦ ମେଳା ଭଳି ଉପଖଣ୍ଡସ୍ତରୀୟ ମହୋତ୍ସବ ସଦର ମହକୁମାରେ କରାନଯାଇ କେଉଁ ଉଦେଶ୍ୟରେ ସଦର ମହକୁମାରୁ ଅନ୍ୟତ୍ର କରାଯାଉଛି ତାହା ବେଶ ବୁଝାପଡୁଛି। ତେବେ ହିନ୍ଦୋଳ ସଦର ମହକୁମାର ଗୁରୁତ୍ୱ ହ୍ରାସ କରାଯାଇ ନିର୍ଶ୍ଚିହ୍ନ କରାଯିବାକୁ ଏହି ହୀନଉଦ୍ୟମକୁ ଦଳମତ ନିର୍ବିଶେଷରେ, ବୁଦ୍ଧିଜୀବୀ, ଜନସାଧାରଣ ମହଲରେ ଦୃଢ଼ନିନ୍ଦା କରାଯିବାସହ ଅସନ୍ତୋଷର ଦାନା ବାନ୍ଧୁଛି ଓ ଏହି ହୀନଉଦ୍ୟମ ବନ୍ଦ କରାନଗଲେ ଆଗାମୀ ଦିନରେ ହିନ୍ଦୋଳ ସଦରମହକୁମା ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାସହ ଦୃଢ଼ ଜବାବ ଦେବେବୋଲି ଅଞ୍ଚଳରେ ଆଲୋଚନା ଜୋର ଧରିଛି ।

## ବାଇକ ଯାଜପୁରରେ, ଚାଲାଣ କଟିଲା ଗଞ୍ଜାମରେ

**ଯାଜପୁର, ୧୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁରରେ ବାଇକ ଥିବା ବେଳେ ଚାଲାଣ କଟିଛି ଗଞ୍ଜାମରେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଟାଉନ ଥାନା ଚଇନପୁର ପଞ୍ଚାୟତ ଲକ୍ଷ୍ମଣପୁର ଗ୍ରାମର ପ୍ରକାଶ ଚନ୍ଦ୍ର ପତିଙ୍କ କ୍ଷେତ୍ରରେ । ଗତ ୧୭ ତାରିଖ ଶନିବାର ଦିନ ସେ ଘରେ ଥିବା ବେଳେ ପୂର୍ବାହ୍ନ ୧୦ଟା୧୫ମି ସମୟରେ ବିନା ହେଲେମେଟରେ ଗାଡ଼ି ଚଳାଇଥିବାରୁ ଏକ ହଜାର ଟଙ୍କା ଚାଲାଣ କଟିଥିବାର ଗଞ୍ଜାମ ଜିଲାର ଆରଟିଓ କାର୍ଯ୍ୟାଳୟରୁ ଏକ ମେସେଜ ତାଙ୍କ ମୋବାଇଲକୁ ଆସିଥିଲା। ଏହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଓଡି୩୪ଡବ୍ଲ୍ୟୁ୩୧୩୧ ପ୍ରକାଶ ଚନ୍ଦ୍ର ପତିଙ୍କର ହୋଣ୍ଡା ୟୁନିକର୍ଣ୍ଣ ନମ୍ବର ଗାଡ଼ିଥିବା ବେଳେ ଅବିକଳ ନମ୍ବରକୁ କେହି ଦୁର୍ବୃତ୍ତ ଗଞ୍ଜାମ ଜିଲାରେ ଗାଡ଼ି ଚଲାଉଥିବା ଯୋଗୁ ଏପରି ଘଟଣା ଘଟିଛି । ଏ ନେଇ ପ୍ରକାଶ ରବିବାର ଦିନ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ଗଞ୍ଜାମ ଜିଲା ପରିବହନ ବିଭାଗ ସହିତ ଯୋଗାଯୋଗ କରିବ ବୋଲି ସୂଚନା ମିଳିଛି ।

## ଗଞ୍ଜେଇ ଜବତ, ୫ କୋର୍ଟ ଚାଲାଣ

**ବ୍ୟାସନଗର, ୧୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପାଣିକୋଇଲି ଅଞ୍ଚଳରୁ ୧୦ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଆଣି ପଶ୍ଚିମବଙ୍ଗକୁ ଟ୍ରେନ ଯୋଗେ ଚାଲାଣ କରିବାକୁ ଯୋଜନା କରୁଥିବା ବେଳେ ଯାଜପୁର ରୋଡ଼ ପୁଲିସ ପ୍ରଥମେ ଦୁଇଜଣ ଏବଂ ପରେ ୩ଜଣଙ୍କୁ ଗିରଫ କରିଛି । ଗିରଫ ସମସ୍ତ ୫ ଅଭିଯୁକ୍ତ ପଶ୍ଚିମବଙ୍ଗର ହୋଇଥିବା ବେଳେ ପୁଲିସ ସେମାନଙ୍କ ଠାରୁ ୭୬ କେଜି ଗଞ୍ଜେଇ ଜବତ କରିଛି । ଥାନା ମାମଲା ନଂ ୩୩/୨୬ରେ କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ପଶ୍ଚିମବଙ୍ଗ ସାଉଥ ଚବିଶ ପ୍ରଗଣ ଜିଲା ନରେନ୍ଦ୍ରପୁର ଥାନା ଗରିଆ ଗ୍ରାମର ସୁମନ ମଣ୍ଡଳ (୨୫), ଚନ୍ଦନ ସରକାର(୩୦), ଗୋପାଳ ଦେବନାଥ(୨୫), ସ୍ୱପ୍ନ ନସକାର(୨୬), ସୁଜୟ ହାଲଦାର(୨୧)ରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି । ପୁଲିସ ଠାରୁ ମିଳିଥିବା ଖବର ମତେ ଅଭିଯୁକ୍ତ ପାଣିକୋଇଲି ଅଞ୍ଚଳରୁ ୩ଟି ବସ୍ତାରେ ୭୬.୭୦୦ କେଜି ଗଞ୍ଜେଇ ବୋହିଇ କରି ଯାଜପୁର ରୋଡ଼ ଅଭିମୁଖେ ଆସିଥିଲେ । ଗଞ୍ଜେଇକୁ କୌଣସି ଟ୍ରେନରେ ପଶ୍ଚିମବଙ୍ଗ ନେଇଯିବାକୁ ଯୋଜନା କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଷ୍ଟେସନ ବାହାରେ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଗଞ୍ଜେଇ ସହ ଦୁଇଜଣଙ୍କୁ କରାୟତ୍ତ କରାଯାଇଥିଲା । ସେମାନଙ୍କୁ ପଚରା ଉଚରା ପରେ ଏଣେତେଣେ ବୁଲୁଥିବା ଅନ୍ୟ ୩ଜଣଙ୍କୁ ପୁଲିସ ଗିରଫ କରିଥିଲା ।

## ବୋଲେରୋ–ବାଲେନୋ ମୁହାଁମୁହିଁ, ୨ ଗୁରୁତର

**ଚାରିଛକ, ୧୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ–କାକଟପୁର ମୁଖ୍ୟ ରାସ୍ତାରର ତୁଳସୀପୁର ଛକ ଟିକଟ ହାଡିଆପଡା ଠାରେ ରବିବାର ସନ୍ଧ୍ୟାରେ ଏକ ବୋଲେରୋ ସହ ଏକ ମାରୁତି ବାଲେନୋ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ରବିବାର ସନ୍ଧ୍ୟାରେ ଚାରିଛକ ପଟୁ ଯାଉଥିବା ଓଡି୩୨ସି୭୦୬୦ ବୋଲେରୋ ସହ ବୀପରିତ ପଟୁ ଆସୁଥିବା ଜିଜେ୦୧ଏଚଡବ୍ଲ୍ୟୁ ୯୨୭୩ ମାରୁତି ବାଲେନୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ଏତେ ଜୋର ଶବ୍ଦ ହୋଇଥିଲା ଯେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡିଥିଲେ । ଦୁର୍ଘଟଣାରେ କାରରେ ଥିବା ଭୁବନେଶ୍ୱରର ସୁନ୍ଦରପଦା ଅଞ୍ଚଳର ଶୁଭଶ୍ରୀ ପାଣି, ପୁଷ୍ପଲତା ତ୍ରିପାଠୀ, ସୁରେନ୍ଦ୍ରନାଥ ତ୍ରିପାଠୀ ଆହତ ହୋଇଥିବା ବେଳେ, ବୋଲେରୋ ଚାଳକ ଓ ଭଞ୍ଜନଗର ଅଞ୍ଚଳର ଆୟୁଶ କୁମାର ବେହେରା (୧୧) ଗୁରୁତର ହୋଇଥିବା ଜଣାପଡିଛି । ଦୁର୍ଘଟଣା ସ୍ଥଳରେ ଚାରିଛକ ଥାନା ପୁଲିସ ଓ ସ୍ଥାନୀୟ ଲୋକମାନେ ପହଞ୍ଚି ଉଭୟ ଗାଡିର ଚାଳକ ଓ ସେଥିରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଅଧିକ ଚିକତ୍ସା ପାଇଁ ଡାକ୍ତର ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିବା ଜଣାପଡିଛି ।

## ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ ପରେ ଓଡ଼ିଶା ଫେରିଲା ସ୍ୱାମୀଙ୍କ ମୃତଦେହ

**ସୋର, ୧୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଚେନ୍ନାଇରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଫେରୁଥିବା ବେଳେ ଚେନ୍ନାଇ ସ୍ରୋଲ ରେଳ ଷ୍ଟେସନରେ ମୃତ୍ୟୁ ହେବା ପରେ ତାଙ୍କର ଗରିବ ସ୍ତ୍ରୀ ଜଣକ ନିରୁପାୟ ହୋଇ ଗଣମାଧ୍ୟମରେ ଆକୁଳ ନିବେଦନ କରିବା ପରେ ଆଜି ପ୍ରଶାସନର ଉଦ୍ୟମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଫଳରେ ତାଙ୍କର ଶବ ରବିବାର ସଂଧ୍ୟାରେ ନିଜ ଗ୍ରାମରେ ପହଞ୍ଚିଛି ।



ପ୍ରକାଶ ଯେ ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଯୁଧିଷ୍ଠିର ବାରିକ(୫୬) ଦୀର୍ଘବର୍ଷ ଧରି ଚେନ୍ନାଇର ଏକ ଦୋକନରେ କାମ କରୁଥିଲେ। ଗତ ଶୁକ୍ରବାର ସକାଳେ ଟ୍ରେନ ଯୋଗେ ଘରକୁ ଫେରିବା ପାଇଁ ଚେନ୍ନାଇ ସ୍ରୋଲ ଷ୍ଟେସନକୁ ଆସିଥିବା ବେଳେ ସେଠାରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ସେ ଷ୍ଟେସନ ନିକଟରେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟରେ ଥିବା ରାଜୀବଗାନ୍ଧୀ ସରକାରୀ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁନାଓ୍ୱାଲା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଯୁଧିଷ୍ଠିରଙ୍କର ଦୁଇ ଝିଅ ବିବାହ କରିଥିବା ବେଳେ ଘରେ ତାଙ୍କ ସ୍ତ୍ରୀ ଏକାକୀ ରୁହନ୍ତି। ସେ ଯୁଧିଷ୍ଠିରଙ୍କ ଶବ ଓଡିଶାକୁ ଆଣିବା ପାଇଁ ଓଡିଶା ସରକାରଙ୍କଠାରେ ଆକୁଳ ନିବେଦନ କରିଥିଲେ । ଏହି ସମ୍ବେଦନଶୀଳ ଘଟଣା ଉପରେ ସରକାରୀ ଅଧିକାରୀମାନଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ କରି ତାଙ୍କର ମୃତଦେହକୁ ଫେରାଇ ଆଣିବା ପରେ ରବିବାର ସଂଧ୍ୟାରେ ସରଳିଆ ଗ୍ରାମରେ ଶୋକାକୁଳ ପରିସ୍ଥିତିରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ କାନ୍ଦି କାନ୍ଦି କୃତଜ୍ଞତା ଜଣାଇଛନ୍ତି ତାଙ୍କର ବିଧବା ପତ୍ନୀ ।

# ବିଜୁ ପଟ୍ଟନାୟକ ମାର୍ଗ ମରାମତି ନାଁରେ ବ୍ୟାପକ ଦୁର୍ନୀତି

**କଳିଙ୍ଗନଗର, ୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳର ଜୀବନରେଖା ଭାବେ ପରିଚିତ ବିଜୁ ପଟ୍ଟନାୟକ ମାର୍ଗ (ମିଲିଟାରୀ–ପଙ୍କପାଳ ବଙ୍ଗଳା ଛକ) ଏବେ ଦୁର୍ଦ୍ଦଶାର ପ୍ରତୀକ ହୋଇପଡ଼ିଛି । ଏହି ମୁଖ୍ୟ ରାସ୍ତା ମାଧ୍ୟମରେ ପ୍ରତିଦିନ ହଜାର ହଜାର ଭାରୀ ଯାନବାହନ ଏବଂ ଶ୍ରମିକ–କର୍ମଚାରୀ ବିଭିନ୍ନ କାରଖାନାକୁ ଯାତାୟାତ କରୁଥିବା ସତ୍ତ୍ୱେ ରାସ୍ତାର ଅବସ୍ଥା ଦିନକୁ ଦିନ ଭୟଙ୍କର ହେଉଛି । ପୂର୍ତ୍ତ ବିଭାଗ (ଆରଆଣ୍ଡବି) ଅଧୀନରେ ଥିବା ଏହି ରାସ୍ତାର ମରାମତି ନାଁରେ ପଛଲା ୩ ବର୍ଷ ମଧ୍ୟରେ ପ୍ରାୟ ୧୨ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ଅଭିଯୋଗ ଉଠିଛି । କିନ୍ତୁ ମରାମତି ପରେ ମାତ୍ର ୨ ମାସ ନପୂରୁଣୁ ରାସ୍ତାରୁ ପିଚୁ ଉଠିଯାଇ ଗଭୀର ଖାଲଖମା ସୃଷ୍ଟି ହେଉଛି, ଯାହା ଯାତ୍ରୀଙ୍କ ପାଇଁ ଦୈନିକ ଜୀବନକୁ ଜଣେ ବିପଦଜନକ ଅଭିଜ୍ଞତାରେ ପରିଣତ କରିଦେଉଛି । ସ୍ଥାନୀୟ ଲୋକମାନେ କହୁଛନ୍ତି ଯେ, ଏହି ରାସ୍ତାରେ ଦୁର୍ଘଟଣା ଘଟଣା ସାଧାରଣ ଘଟଣା ହୋଇପଡ଼ିଛି ।




ବାଇକ ଚାଳକ, ସାଇକେଲ ଚାଳକ ଏବଂ ପଦଯାତ୍ରୀମାନେ ପ୍ରତିଦିନ ଜୀବନ ଝୁମ୍ପରେ ରଖି ଏହି ରାସ୍ତାରେ ଚଳାଚଳ କରୁଛନ୍ତି । ଭାରୀ ଯାନବାହନର ଚଳାଚଳ ଦ୍ୱାରା ଉଡୁଥିବା ଧୂଳି ଓ ଚିପ୍ସ ମଧ୍ୟ ଦୈନିକ ଯାତ୍ରୀ ଓ ଆସପାସର ବସିନ୍ଦାଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି । ବିଭାଗୀୟ ଯନ୍ତ୍ରୀଙ୍କ ପାଖକୁ ବାରମ୍ବାର ଅଭିଯୋଗ ଯାଇଥିଲେ ମଧ୍ୟ ତାଙ୍କ ନିରବତା ଅଧିକ ସନ୍ଦେହଜନକ ହୋଇପଡ଼ିଛି । ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି– ଏହା ପଛରେ କୋଟି କୋଟି ଟଙ୍କାର ବଟି, ନା କି ରାଜନୈତିକ ଚାପ କାମ କରୁଛି? ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାରଙ୍କ ମଧ୍ୟରେ ଥିବା ‘ମଧୁଚନ୍ଦ୍ରିକା’ ସମ୍ପର୍କ ଦୁର୍ନୀତିର ଗନ୍ଧକୁ ଆହୁରି ଗଭୀର କରୁଛିଛସରକାରୀ ନିୟମ ଅନୁଯାୟୀ ରାସ୍ତା ମରାମତି ପୂର୍ବରୁ ବଡ଼ କମ୍ପ୍ରେସର ମାଧ୍ୟମରେ ରାସ୍ତାରୁ ଧୂଳି ସଫା କରିବା, କ୍ରସର ଡଷ୍ଟ, ୪୦ ଏମଏମ ମେଟାଲ ଏବଂ ଡବ୍ଲୁବିଏମ ସମପରିମାଣରେ ପକାଇ ସଠିକ ରୋଲିଂ କରିବା, ପରେ ଝାଡୁ ମାରି ପ୍ରାଇମର କୋଟିଂ ଓ ଶେଷରେ ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ପିଚୁ ପକାଇବା ନିୟମ ରହିଛି । ଏହା ସହ ଖରାପ ଅବସ୍ଥାରେ ଥିବା ପୁରୁଣା ସ୍ତରକୁ ‘ସାକ୍ରିଫାଇସିଂ’ ମାଧ୍ୟମରେ କାଟି ସମ୍ପୂର୍ଣ୍ଣ ସଫା କରିବା ମଧ୍ୟ ଆବଶ୍ୟକ । କିନ୍ତୁ ସ୍ଥଳ ପରିଦର୍ଶନ ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ତ ପ୍ରକ୍ରିୟାକୁ ଅଣଦେଖା କରାଯାଇ ସିଧାସଳଖ ପୁରୁଣା ଓ ଭାଙ୍ଗା ରାସ୍ତା ଉପରେ ପିଚୁ ପକାଯାଇଛି । ଯାହାର ଫଳରେ କିଛି ଦିନ ମଧ୍ୟରେ ପିଚୁ ଖସିଯାଇ ରାସ୍ତା ଆଗରୁ ଅଧିକ ଖରାପ ଅବସ୍ଥାରେ ପହଞ୍ଚିଯାଉଛ । ଏକ ବିଭାଗୀୟ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ସରକାର ୨୦୨୫–୨୬ ଆର୍ଥିକ ବର୍ଷରେ ମାତ୍ର ଏହି ରାସ୍ତା ମରାମତି ପାଇଁ ପ୍ରାୟ ୪୨ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ ବରାଦ କରିଛନ୍ତି । କିନ୍ତୁ ଠିକାଦାର ଏଷ୍ଟିମେଟ ଅନୁଯାୟୀ କାମ କରୁ ନଥିବା ସତ୍ତ୍ୱେ ବିଲ ହାତେଇବାରେ ସକ୍ଷମ ହେଉଛନ୍ତି । ସ୍ଥାନୀୟ ସାମାଜିକ ସଂଗଠନ, ଯୁବକ ସଂଘ ଓ ଶ୍ରମିକ ସଂଘମାନେ ଏହି ମାମଲାରେ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ସେମାନଙ୍କ ମତରେ, ଯଦି ସ୍ୱାଧୀନ ତଦନ୍ତ କରାଯାଏ, ତେବେ ରାସ୍ତା ମରାମତିରେ ହୋଇଥିବା ଦୁର୍ନୀତି, ନିମ୍ନମାନର କାମ ଏବଂ ସରକାରୀ ଧନର ଅପବ୍ୟୟ ସଂପୂର୍ଣ୍ଣ ଭାବେ ପଦାକୁ ଆସିପାରିବ । ଏଥି ସଂପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ପକ୍ଷରୁ କହାଯାଇଛି ଯେ, ନିୟମାନୁଯାୟୀ ରାସ୍ତା ମରାମତି କାର୍ଯ୍ୟ ହୋଇଛି । କିନ୍ତୁ ସ୍ଥଳ ଅବସ୍ଥା, ରାସ୍ତାର ଦୁର୍ଦ୍ଦଶା ଏବଂ ମରାମତି ପରେ ଅତି ସ୍ୱଳ୍ପ ସମୟରେ ପିଚୁ ଉଠିଯାଉଥିବା ଦୃଶ୍ୟ ଏହି ଦାବିକୁ ପ୍ରଶ୍ନବାଚୀ କରୁଛି । ସାଧାରଣ ଲୋକଙ୍କ ମତରେ, ଯଦି ଏହି ରାସ୍ତାର ସଠିକ ଭାବରେ ଉନ୍ନତିକରଣ ଓ ଦୀର୍ଘସ୍ଥାୟୀ ମରାମତି କାର୍ଯ୍ୟ ହୋଇନଥାଏ, ତେବେ କଳିଙ୍ଗନଗର ଶିଳ୍ପାଞ୍ଚଳର ଆର୍ଥିକ କାର୍ଯ୍ୟକଳାପ, ଶ୍ରମିକ ଯାତାୟାତ ଏବଂ ସାଧାରଣ ଜନଜୀବନ ଗୁରୁତର ପ୍ରଭାବିତ ହେବ ।

ଏହି ମାମଲାରେ ତୁରନ୍ତ ଭିଜିଲାନ୍ସ ତଦନ୍ତ, ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଏବଂ ରାସ୍ତାର ଗୁଣାତ୍ମକ ଓ ସ୍ଥାୟୀ ମରାମତି କାର୍ଯ୍ୟ ହେବାକୁ ସ୍ଥାନୀୟ ବାସିନ୍ଦାମାନେ ଦୃଢ଼ ଦାବି କରୁଛନ୍ତି ।

ଯୁବ ଇଂଜିନିୟର କାମରୁ ଘରକୁ ଫେରୁଥିଲେ ବୋଲି ଜଣାଯାଇଛି । ତେଣୁ ଏ ରାସ୍ତାଟି ନିଶ୍ଚିତ ଭାବରେ ତାଙ୍କର ପରିଚିତ ରାସ୍ତା । ତେଣୁ ସିଏ ଅଧିକ ସଚେତନ ହେବା ଉଚିତ୍ ଥିଲା । ଆଜିକାଲି ପାଣିପାଗର ପୂର୍ବାନୁମାନ ଲୋକଙ୍କୁ ସଚେତନ କରାଉଛି– ଘନ କୁହୁଡ଼ି ହେବ ବୋଲି। ଆଜିକାଲି ପ୍ରତିଟି ଲୋକଙ୍କ ପାଖରେ ସ୍ମାର୍ଟ ଫୋନ୍ ରହିଛି । ସ୍ମାର୍ଟଫୋନ୍‌ରେ ପାଣିପାଗ ପୂର୍ବାନୁମାନ ଉପଲବ୍ଧ। ତେଣୁ ଚାଳକମାନେ ସଚେତନ ହେବା ଦରକାର। କୁହୁଡ଼ି ପାଇଁ ଦୃଶ୍ୟମାନତା କମିଲେ ଗାଡ଼ିଚାଳକମାନେ ଦୃଶ୍ୟମାନତା ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ୍ । ଜୀବନ ଖୁବ୍ ମୂଲ୍ୟବାନ। ତେଣୁ ବିଳମ୍ବକୁ ଏଡାଇବାକୁ ଯାଇ ମୋଟେ ଘରେ ନ ପହଞ୍ଚିପାରିବା ଅଧିକ ଦୁଃଖଦାୟକ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୦ ଜାନୁଆରୀ, ୨୦୨୬ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍

# ସାମାନ୍ୟ ସର୍ତ୍ତକତା ବଡ଼ ବଡ଼ ଦୁର୍ଘଟଣା ଏଡେଇଦେଇପାରେ

ଏଇ କିଛିଦିନ ହେଲା ଘନ କୁହୁଡ଼ି ଯୋଗୁଁ ବିଭିନ୍ନ ସ୍ଥାନରେ ରାସ୍ତା ଦୁର୍ଘଟଣାରେ ଏକାଧିକ ଲୋକଙ୍କ ଜୀବନହାନି ଘଟିଛି । ଏହା ନିଶ୍ଚିତ ଭାବରେ ଦୁଃଖଦ ଘଟଣା । କିନ୍ତୁ ସାମାନ୍ୟ ସଚେତନତା ଏଭଳି ଦୁର୍ଘଟଣାକୁ ରୋକିପାରେ ।

ଶନିବାର ଦିନ ଘନ କୁହୁଡ଼ି ଯୋଗୁଁ ସକାଳେ ଗୁଜରାଟର ବନାସକଣ୍ଠାର ଜଣେ ମହିଳା ପୁଲିସଙ୍କ ସମେତ ୫ଜଣ ପର୍ଯ୍ୟଟକ ଏବଂ ୟୁପିରେ ଶନିବାର ସକାଳେ ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ପର୍ଯ୍ୟଟକମାନେ ବନାସକଣ୍ଠା ଫେରୁଥିବା ବେଳେ ଭଟିଣ୍ଡା ଜିଲ୍ଲାର ଭାରତମାଳା ଏକ୍ସପ୍ରେସ୍ ୱେରେ ଥିବା ଏକ ରୋଡ୍ ଡିଭାଇଡରରେ ସେମାନଙ୍କର ଏସ୍‌ୟୁଭି ଗାଡ଼ି ଧକ୍କା ହୋଇଥିଲା ।

ପାଣିପାଗ ରିପୋର୍ଟ ଅନୁଯାୟୀ ଦୁର୍ଘଟଣା ସମୟରେ ଭଟିଣ୍ଡାରେ ଦୃଶ୍ୟମାନତା ୪୦ ମିଟରକୁ ଖସିଆସିଥିଲା । ଏଭଳି ସମୟରେ ୪୦ କିଲୋମିଟର ବେଗରେ ମଧ୍ୟ ଗାଡ଼ି ଚଳାଇବା ସମ୍ଭବ ହୋଇନଥାଏ ।

ଆଉ ଏକ ଘଟଣାରେ ଘନ କୁହୁଡ଼ି ଯୋଗୁଁ ନୂଆଦିଲ୍ଲୀ ନୋଏଡାର ଜଣେ ସଫ୍ଟୱେୟାର ଇଂଜିନିୟରଙ୍କ କାର୍ ଏକ ଡ୍ରେନ୍ ପାଚେରିରେ ଧକ୍କା ଖାଇ ୭୦ଫୁଟ ତଳେ ଥିବା ଏକ ଗଭୀର ଖାତରେ ପଡ଼ିଯାଇଥିଲା । ଏହି ରାସ୍ତାରେ ଯାଉଥିବା କିଛି ଲୋକ ଦୁର୍ଘଟଣା ଗ୍ରସ୍ତ ଇଂଜିନିୟରଙ୍କ ଚିତ୍କାର ଶୁଣି ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ କାର୍‌ଟି ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା । ତେଣୁ ତତ୍କାଳ ଉଦ୍ଧାର କରାଯାଇପାରିନଥିଲା । ଇଂଜିନିୟର ଜଣକ ତାଙ୍କ ବାପାଙ୍କୁ ଫୋନ୍ କରି କହିଥିଲେ– 'ବାପା ପାଣି ଭର୍ତ୍ତି ଏକ ଗଭୀର ଖାତକୁ ମୁଁ ଖସିପଡ଼ିଛି, ମୁଁ ବୁଡ଼ିଯିବି, ମୁଁ ମରିବାକୁ ଚାହୁଁନି, ମତେ ବଞ୍ଚାଅ ।'

କିଛି ମିନିଟ୍ ଭିତରେ ସ୍ଥାନୀୟ ପୁଲିସ, ବୁଡ଼ାଳି ଓ ଏନ୍‌ଡିଆର୍‌ଏଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଯୁବ ଇଂଜିନିୟରଙ୍କ ବାପା ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ପାଞ୍ଚଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ପରେ ଯୁବ ଇଂଜିନିୟରଙ୍କ ଗାଡ଼ିଟିକୁ ଖାତରୁ ବାହାର କରାଯାଇଥିଲା । ସେତେବେଳକୁ ଯୁବ ଇଂଜିନିୟର ଜଣକଙ୍କର ମୃତ୍ୟୁ ଘଟିସାରିଥିଲା ।

ଏହି ଘଟଣା ପରେ ମୃତ ଯୁବକଙ୍କ ପରିବାର ପକ୍ଷରୁ ପ୍ରଶାସନ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି, ଏଥିରେ କୁହାଯାଇଛି– ରାସ୍ତାରେ ରିଫ୍ଲେକ୍ଟର ଏବଂ ସାଇନ୍‌ବୋର୍ଡ ଲାଗିନଥିବାରୁ ଏଭଳି ଦୁର୍ଘଟଣା ଘଟିଲା ।

ଏ ଦୁଇଟି ଦୁର୍ଘଟଣାକୁ ଯଦି ଆମେ ବିଶ୍ଳେଷଣ କରିବା ତା'ହେଲେ ଜାଣିବା ଯେ ସାମାନ୍ୟ ସଚେତନ ହୋଇଥିଲେ ଏଭଳି ଦୁର୍ଘଟଣା ଘଟିନଥାନ୍ତା ।

ପାଣିପାଗ ରିପୋର୍ଟ ଅନୁଯାୟୀ ଭଟିଣ୍ଡାଠାରେ ଘନ କୁହୁଡ଼ି ପାଇଁ ଦୃଶ୍ୟମାନତା ୪୦ ମିଟରକୁ ଖସିଆସିଥିଲା । ଏଭଳି ପରିସ୍ଥିତିରେ ୪୦ କିଲୋମିଟର ବେଗରେ ମଧ୍ୟ ଗାଡ଼ି ଚଳାଇବା ସମ୍ଭବ ନୁହେଁ । ତେଣୁ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏସ୍‌ୟୁଭି ଗାଡ଼ିଟି ନିଶ୍ଚିତ ଭାବରେ ହିଁ ଅଧିକ ବେଗରେ ଯାଉଥିଲା, ନହେଲେ ରୋଡ୍ ଡିଭାଇଡରରେ ଏଭଳି ଭୟଙ୍କର ଭାବରେ ଧକ୍କା ହୋଇ ୫ଜଣଙ୍କର ଜୀବନହାନି ଘଟିନଥାନ୍ତା ।

ଠିକ୍ ସେମିତି ଯେଉଁ ୨୭ ବର୍ଷୀୟ ଯୁବ ଇଂଜିନିୟରଙ୍କ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ୭୦ଫୁଟ ତଳ ଖାତକୁ ଖସିପଡ଼ିଥିଲା ଏବଂ ତାଙ୍କର ମୃତ୍ୟୁ ହେଲା, ଏଠି ଯେ ଯୁବ ଇଂଜିନିୟର ଜଣକ କମ୍ ବେଗରେ ଯାଉଥିଲେ ଏକଥାକୁ ସ୍ୱୀକାର କରିହେଉନି। ଘନ କୁହୁଡ଼ି ପାଇଁ ଦୃଶ୍ୟମାନ କମ୍ ଥିବାରୁ ଯୁବକ ଜଣକ ଯଦି ଗାଡ଼ିର ବେଗ କମ୍ କରିଥାନ୍ତେ ତା'ହେଲେ ହୁଏତ ଏଭଳି ଏକ ଦୁର୍ଘଟଣା ଘଟିନଥାନ୍ତା ।

ଯୁବ ଇଂଜିନିୟର କାମରୁ ଘରକୁ ଫେରୁଥିଲେ ବୋଲି ଜଣାଯାଇଛି । ତେଣୁ ଏ ରାସ୍ତାଟି ନିଶ୍ଚିତ ଭାବରେ ତାଙ୍କର ପରିଚିତ ରାସ୍ତା । ତେଣୁ ସିଏ ଅଧିକ ସଚେତନ ହେବା ଉଚିତ୍ ଥିଲା ।

ଆଜିକାଲି ପାଣିପାଗର ପୂର୍ବାନୁମାନ ଲୋକଙ୍କୁ ସଚେତନ କରାଉଛି– ଘନ କୁହୁଡ଼ି ହେବ ବୋଲି। ଆଜିକାଲି ପ୍ରତିଟି ଲୋକଙ୍କ ପାଖରେ ସ୍ମାର୍ଟ ଫୋନ୍ ରହିଛି । ସ୍ମାର୍ଟଫୋନ୍‌ରେ ପାଣିପାଗ ପୂର୍ବାନୁମାନ ଉପଲବ୍ଧ। ତେଣୁ ଚାଳକମାନେ ସଚେତନ ହେବା ଦରକାର। କୁହୁଡ଼ି ପାଇଁ ଦୃଶ୍ୟମାନତା କମିଲେ ଗାଡ଼ିଚାଳକମାନେ ଦୃଶ୍ୟମାନତା ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ୍ । ଜୀବନ ଖୁବ୍ ମୂଲ୍ୟବାନ। ତେଣୁ ବିଳମ୍ବକୁ ଏଡାଇବାକୁ ଯାଇ ମୋଟେ ଘରେ ନ ପହଞ୍ଚିପାରିବା ଅଧିକ ଦୁଃଖଦାୟକ।

# ଚାଲନ୍ତୁ, ଚୀନ ଦେଶରେ ତିଆରି ସାମଗ୍ରୀକୁ ଆହୁରି ଅଧିକ ବ୍ୟବହାର କରିବା



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

■ ତୁଷାରକାନ୍ତ

ଏହି ସମ୍ବାଦପତ୍ରର ତା୧୩.୧.୨୦୨୬ରିଖର ସଂସ୍କରଣରେ ପ୍ରକାଶିତ ମୋ ଲିଖିତ ପ୍ରବନ୍ଧର ଶୀର୍ଷକ ଥିଲା 'ଆସନ୍ତୁ, ଆମେରିକା ତିଆରି ସାମଗ୍ରୀକୁ ଆମେ ରାସ୍ତାରେ କଚାଡି କଚାଡି ଭାଙ୍ଗିବା' । ଏହି ଲେଖାଟିକୁ ତା୧୧.୧.୨୦୨୬ରିଖରେ ପ୍ରସ୍ତୁତ କରି ସମ୍ବାଦପତ୍ରର ଇ–ମେଲ ଠିକଣାରେ ପଠାଇବାପରେ, ତା୧୨.୧.୨୦୨୬ ରିଖରେ 'ଚୀନ କମ୍ୟୁନିଷ୍ଟ ପାର୍ଟି'ର କିଛି ବରିଷ୍ଠ ନେତା ନୂଆଦିଲ୍ଲୀସ୍ଥିତ 'ଭାରତୀୟ ଜନତା ପାର୍ଟିର ମୁଖ୍ୟ କାର୍ଯ୍ୟାଳୟ' ତଥା ତା୧୩.୧.୨୦୨୬ରିଖରେ 'ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ'ର କାର୍ଯ୍ୟାଳୟ ଠାରେ ସେହି ଦୁଇ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତାଗଣଙ୍କ ସହ ଆଲୋଚନା କରିଥିଲେ । ତେଣୁ ଏଥରର ଏହି ପ୍ରବନ୍ଧଟିର ଏଭଳି ନାମକରଣ କରାଯାଇଛି ।

ଚୀନ ପ୍ରସ୍ତୁତ ସାମଗ୍ରୀଗୁଡିକୁ କାହିଁକି ଅଧିକ ମାତ୍ରାରେ କିଣିବା?

'ଶତ୍ରୁର ଶତ୍ରୁ ମିତ୍ର' ଭଳି ଓଡ଼ିଆ ଲୋକକଥାଟିର ଆଧାରରେ, ଯେହେତୁ ଚୀନ ତୁଳନାରେ ଆମେରିକା ଏବେ ଆମର ଅଧିକ ଶତ୍ରୁ ଓ ଚୀନ ବି ଆମେରିକାର ଶତ୍ରୁ, ତେଣୁ ଆମକୁ ଚୀନଦେଶରୁ ଅଧିକ ସାମଗ୍ରୀ କିଣାବାକୁ ପଡ଼ିବ । ଏମିତି ତ, ଚୀନ ତରଫରୁ ଆମର ଗଲଓ୍ୱାନ ଘାଟି ଉପରେ ଆକ୍ରମଣପରେ ଆମ ଦୁଇ ଦେଶର ସମ୍ପର୍କରେ ଯଥେଷ୍ଟ ଅବନତି ଆସିଥିଲେ ମଧ୍ୟ ଆମର ସେଠାରୁ ସର୍ବାଧିକ ଆମଦାନୀ ବଢ଼ି ବଢ଼ି ଚାଲିଛି ।

ଚୀନ ସହିତ ଆମର ନିକଟ ଅତୀତର ଆମେ ସମ୍ପର୍କକୁ କିପରି ବିଚାର କରିବା?

ଆପଣ ହୁଏତ ଭାବି ପାରନ୍ତି ଯେ, (୧) ଏଥିରେ ସ୍ୱତନ୍ତ୍ର କ'ଣ ଅଛି? (୨) ଚୀନ ତ ଆମର ଏକନମ୍ବରୀ ଶତ୍ରୁ, ପାକିସ୍ତାନଠାରୁ ମଧ୍ୟ ବଡ଼ ଶତ୍ରୁ । ପାକିସ୍ତାନ ତ ଚୀନର ଏକ ଗୋଟି ମାତ୍ର । ଚୀନ ତାକୁ ସମ୍ପୂର୍ଣ୍ଣ ସମର୍ଥନ ଦିଏ, 'ଅପରେସନ୍ ସିନ୍ଦୂର'ରେ ମଧ୍ୟ ଦେଉଥିଲା । ଟଙ୍କା ଦିଏ, ଅସ୍ତ୍ରଶସ୍ତ୍ର ଦିଏ ଏବଂ ଆମ ଜମିରେ ରାସ୍ତା ମଧ୍ୟ ତିଆରି କରୁଛି । (୩) ଆମେ ଗତ ୫ ବର୍ଷ ଧରି ଚୀନ୍ ବିରୁଦ୍ଧରେ ଲାଲ୍ ଆଖି ଦେଖାଉଥିଲୁ । ଗଲଓ୍ୱାନରେ ଆମର ୨୦ ଜଣ ଯବାନ ଶହୀଦ ହୋଇଥିଲେ । (୪) ଚୀନ ସାମଗ୍ରୀ ବର୍ଜନ କରିବା ପାଇଁ ସାରା ଦେଶ ଆହ୍ୱାନ ଦେଉଥିଲା । ଦୀପାବଳିରେ ଚୀନର ବାଣ ଓ ଲାଇଟ୍ ବନ୍ଦ କରିବାକୁ କୁହାଯାଉଥିଲା । (୫) କିନ୍ତୁ ଏହି ପ୍ରଶ୍ନ କାହିଁକି? କାରଣ କ୍ରମାଗତ ଭାବରେ କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରାଯାଉଥିଲା ଯେ ସେମାନେ ଚୀନ ଦୂତାବାସକୁ ଯାଉଛନ୍ତି ଏବଂ ଚୀନ କମ୍ୟୁନିଷ୍ଟ ପାର୍ଟିର ନେତାଙ୍କୁ ଭେଟୁଛନ୍ତି । ନେହରୁଙ୍କୁ ମଧ୍ୟ ଭିଲିଆନ ଭାବେ ଦର୍ଶାଯାଇ କୁହାଯାଇଥାଏ ଯେ 'ହିନ୍ଦୁ–ଚୀନ ଭାଇ ଭାଇ' ଚକ୍କରରେ ଆମେ ୩୮,୦୦୦ ବର୍ଗ କିଲୋମିଟର ଜମି ହରାଇଲୁ । (୬) କିନ୍ତୁ ଏବେ କ'ଣ ହେଉଛି? ଚୀନ୍ ତ ଶତ୍ରୁ ହୋଇ ରହିଛି, ସେହି ଦେଶର ନେତାମାନେ କଣ ସୁଧୁରି ଯାଇଛି? କିନ୍ତୁ ଚୀନ କମ୍ୟୁନିଷ୍ଟ ପାର୍ଟିର ନେତାମାନେ ବିଜେପି ମୁଖ୍ୟାଳୟରେ ଶାସକ ଦଳର ନେତାଙ୍କୁ ଭେଟିଥିବାର ଦେଖାଯାଇଛି । କେବଳ ସେତିକି ନୁହେଁ, ସେହି ପ୍ରତିନିଧି ଦଳ ଆରଏସଏସର ଦ୍ୱିତୀୟ ମୁଖ୍ୟ ଦତ୍ତାତ୍ରେୟ ହୋସବାଲେଙ୍କୁ ମଧ୍ୟ ଭେଟିଛନ୍ତି ମଧ୍ୟ । ସେଥିରେ କେଉଁ ସାଂସ୍କୃତିକ ଆଦାନପ୍ରଦାନ ହେଇଛି? (୭) ଯଦି କଂଗ୍ରେସ ନେତାମାନେ ମିଶିବା ବିଶ୍ୱାସଘାତକତା ଥିଲା, ତେବେ ଏହା କ'ଣ? ଚୀନ କ'ଣ ଅରୁଣାଚଳ ଉପରୁ ନିଜର ଦାବି ଛାଡ଼ି ଦେଇଛି କି? ପାକିସ୍ତାନ ଯେଉଁ ଜମି ଚୀନକୁ ଦାନ କରିଛି ସେଠାରେ ରାସ୍ତା ତିଆରି ହେଉଛି ଏବଂ ଚୀନ୍ କହୁଛି ଏହା ତାଙ୍କର ଜମି । (୮) କୁହାଯାଉଛି ଯେ ଏହା ବ୍ୟବସାୟୀକ ଆଲୋଚନାଛ ତେବେ 'ଆତ୍ମନିର୍ଭର ଭାରତ' ସ୍ୱପ୍ନର କ'ଣ ହେଲା? 'ମେକ୍ ଇନ୍ ଇଣ୍ଡିଆ'ର କ'ଣ ହେଲା? ଚୀନ୍ ଆମ ଜମି ମାଡ଼ି ବସୁଛି ଏବଂ ଆମେ ତା ସହିତ ବ୍ୟବସାୟ କରୁଛୁ କିପରି? ଚୀନ ଆମକୁ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହେବାକୁ ଦେଉନାହିଁ, ପାକିସ୍ତାନକୁ ସାହାଯ୍ୟ କରୁଛି, ତେବେ ଏହା କିପରି ବନ୍ଧୁତା? (୧୦) ଗଲଓ୍ୱନ ଘାଟିରେ ୧୫ ଜୁନ୍ ୨୦୨୦ରେ ଆମର ୨୦ ଜଣ ଯବାନ ସେମାନଙ୍କ ସହ ଲଢ଼ି ଶହୀଦ ହୋଇଥିଲେ । ଚୀନ ବିଶ୍ୱାସଘାତକତା କରିଥିଲା ଏବଂ ପାଙ୍ଗୋଙ୍ଗ ଅଞ୍ଚଳରେ ଆମ ଜମି ଦଖଲ କରିବାକୁ ଚେଷ୍ଟା କରିଥିଲା । ରିପୋର୍ଟ ଅନୁସାରେ ଚୀନ୍ ୧୦୦୦ ବର୍ଗ କିଲୋମିଟର ଅଞ୍ଚଳ ଦଖଲ କରିଛି । ୧୯୬୨ ଯୁଦ୍ଧ ପରେ ୩୮,୦୦୦ ବର୍ଗ କିଲୋମିଟର ଏବଂ ପରେ ପାକିସ୍ତାନ ଚୀନକୁ ଦେଇଥିବା ୫,୦୦୦ ବର୍ଗ କିଲୋମିଟର ଜମି ମଧ୍ୟ ଚୀନ ପାଖରେ ଅଛି । (୧୧) ଚୀନ୍ କହୁଛି ଏହା ତାଙ୍କର ଅଞ୍ଚଳ । ଆମେ ପୁଣି ଥରେ ଚୀନ ସହିତ ସମ୍ପର୍କ ସୁଧାରିବାକୁ ଚେଷ୍ଟା କରୁଛୁ । ପୂର୍ବରୁ ମଧ୍ୟ ଅନେକ ଥର ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଶି ଜିନପିଙ୍ଗଙ୍କ ମଧ୍ୟରେ ସାକ୍ଷାତକାର ହୋଇଛି, କିନ୍ତୁ ପ୍ରତିଥର ଚୀନ୍ କିଛି ନା କିଛି ବିବାଦ ସୃଷ୍ଟି କରିଛି, ଯେପରିକି ଡୋକଲାମ ଏବଂ ପରେ ଗଲଓ୍ୱାନ । (୧୨) ଆମେ ଚୀନ୍ ସାମଗ୍ରୀ ବର୍ଜନ କଲୁ, କିନ୍ତୁ ଚୀନ୍ ଏବେ ମଧ୍ୟ ଅରୁଣାଚଳକୁ ନିଜର ବୋଲି କହୁଛି ଏବଂ ସେଠାରେ ଗାଁ ବସାଉଛି । ଆମ ଖେଳାଳିମାନଙ୍କୁ ନତ୍ଥି (Stapled) ଭିସା ଦେଉଛି । ଆମର ତିନି ସୈନ୍ୟବାହିନୀର ମୁଖ୍ୟ ଚୌହାନ ମହାଶୟ ମଧ୍ୟ କହିଛନ୍ତି ଯେ 'ଅପରେସନ୍ ସିନ୍ଦୁର' ଜାରି ରହିଛି ଏବଂ ପାକିସ୍ତାନକୁ ଚୀନ୍ ସମ୍ପୂର୍ଣ୍ଣ ସମର୍ଥନ କରୁଛି । (୧୩) ବ୍ୟବସାୟ ବିଷୟରେ କହିଲେ, ୨୦୨୧–୨୨ ତୁଳନାରେ ୨୦୨୪–୨୫ରେ ଚୀନକୁ ଆମର ରପ୍ତାନି (Export) ୨୪% ହ୍ରାସ ପାଇଛି, କିନ୍ତୁ ଆମଦାନୀ (Import) ୩୬% ବୃଦ୍ଧି ପାଇଛି । ଆମେ ଚୀନରୁ ଅଧିକ ସାମଗ୍ରୀ କିଣୁଛୁ । ଫାର୍ମାସ୍ୟୁଟିକାଲ୍ସ, ସ୍ମାର୍ଟଫୋନ୍, ସୋଲାର ପ୍ୟାନେଲ୍ ଏବଂ ଇଲେକ୍ଟ୍ରୋନିକ୍ସ ପାଇଁ ଆମେ ବହୁ ପରିମାଣରେ ଚୀନ ଉପରେ ନିର୍ଭରଶୀଳ ।

ଏସବୁରୁ କ'ଣ କ'ଣ ନିଷ୍କର୍ଷ ବାହାରୁଛି?

(୧)ଚୀନ ସହିତ ଆମର 'ବାଣିଜ୍ୟ'ଏବଂ 'ସୀମା ସୁରକ୍ଷା' ଦୁଇଟି ଅଲଗା ଦିଗରେ ଗତି କରୁଛି । (୨) ଗୋଟିଏ ପଟେ ଆମେ ଚୀନକୁ ସାମରିକ ସ୍ତରରେ ବିରୋଧ କରୁଛୁ, କିନ୍ତୁ ଆର୍ଥିକ ସ୍ତରରେ ଆମର ବଜାର ଚୀନ ସାମଗ୍ରୀ ଦ୍ୱାରା ଅଧିକ ପ୍ରଭାବିତ ହେଉଛି ।

ପରସ୍ପର ଉପରକୁ ଦୋଷାରୋପ, (୧)କଂଗ୍ରେସ ପ୍ରବକ୍ତା ପବନ ଖେଡା ବିଜେପିର 'ନୀତି'କୁ ସମାଲୋଚନା କରି ପ୍ରଶ୍ନ ଉଠାଇଛନ୍ତି ଯେ, (କ) ଯଦି ୨୦୧୭ରେ ରାହୁଲ ଗାନ୍ଧୀ ଚୀନ୍ ରାଷ୍ଟ୍ରଦୂତଙ୍କୁ ଭେଟିବା 'ଦେଶଦ୍ରୋହ' ଥିଲା, ତେବେ ଆଜି ଯେତେବେଳେ ଚୀନ ଆମ ଜମି ମାଡ଼ି ବସିଛି, ସେତେବେଳେ ବିଜେପି ମୁଖ୍ୟାଳୟରେ ଚୀନ କମ୍ୟୁନିଷ୍ଟ ପାର୍ଟି (CCP) ନେତାଙ୍କୁ ସ୍ୱାଗତ କରିବା କ'ଣ? (ଖ) ଚୀନ୍ ଗଲଓ୍ୱାନରେ ଆମ ଯବାନଙ୍କୁ ଶହୀଦ କରିଛି ଏବଂ ଅରୁଣାଚଳରେ ଗାଁ ବସାଉଛି । ଏଭଳି ସ୍ଥିତିରେ ସରକାର ସେମାନଙ୍କ ପାଇଁ 'ଲାଲ୍ ଗାଲିଚା'କାହିଁକି ବିଛାଉଛନ୍ତି? (ଗ) 'ଆତ୍ମନିର୍ଭର ଭାରତ'ର ନାରା ଦିଆଯାଉଥିଲେ ମଧ୍ୟ ଚୀନରୁ ଆମଦାନୀ ୩୬% ବୃଦ୍ଧି ପାଇଛି । ସରକାର ଚୀନ ଉପରେ ଆମର ନିର୍ଭରଶୀଳତା କମାଇବା ପରିବର୍ତ୍ତେ ବଢ଼ାଉଛନ୍ତି ।

(୨)ବିଜେପି ପ୍ରବକ୍ତତୁହିନ ସିହ୍ନା (ବିଜେପି ପ୍ରବକ୍ତା) କହିଛନ୍ତି ଯେ, (କ) ଏହି ସାକ୍ଷାତକାର ଏକ 'କୂଟନୈତିକ ଏବଂ ବାଣିଜ୍ୟିକ ଆବଶ୍ୟକତା', (ଖ) ଦଳୀୟ ସ୍ତରରେ ସାକ୍ଷାତକାର ଏବଂ ସୀମାରେ ସାମରିକ ପ୍ରତିକ୍ରିୟା ଦୁଇଟି ଭିନ୍ନ ବିଷୟ । ବିଜେପି ଦେଶର ସ୍ୱାର୍ଥ ରକ୍ଷା ପାଇଁ ସବୁବେଳେ ପ୍ରସ୍ତୁତ ।

(୩) ଇଲେକ୍ଟ୍ରୋନିକ୍ସ ଏବଂ ଫାର୍ମା କ୍ଷେତ୍ରରେ ଚୀନ୍ ଉପରେ ଥିବା ନିର୍ଭରଶୀଳତା ରାତାରାତି ଶେଷ ହୋଇପାରିବ ନାହିଁ । ଏହା ଏକ ବ୍ୟବସାୟିକ ପ୍ରକ୍ରିୟା ଏବଂ ସରକାର ଧୀରେ ଧୀରେ 'ମେକ୍ ଇନ୍ ଇଣ୍ଡିଆ' ଜରିଆରେ ବିକଳ୍ପ ଖୋଜୁଛନ୍ତ ।

(୪) ସେ ମନେ ପକାଇ ଦେଇଛନ୍ତି ଯେ ନେହେରୁଙ୍କ ସମୟରେ ୩୮,୦୦୦ ବର୍ଗ କିଲୋମିଟର ଜମି ଚୀନ୍ ହାତକୁ ଯାଇଥିଲା, ତେଣୁ କଂଗ୍ରେସର ଦେଶପ୍ରେମ ଉପରେ ପ୍ରଶ୍ନ କରିବାର ଅଧିକାର ନାହିଁ ।

ଏମାନେ ଯେ ପରସ୍ପର ଭିତରେ ଏବେ ଏବେ ଏଭଳି ହେଉଛନ୍ତି, ତାହା ନୁହେଁ । ଏହା ବହୁକାଳରୁ ଚାଲିଆସୁଛି, ଯାହାର ପ୍ରମାଣ ରହିଛି, ସ୍ୱାଧୀନତା ସଂଗ୍ରାମୀ, ଦାର୍ଶନିକ ତଥା ବିଶିଷ୍ଟ ଲେଖକ ଚିତ୍ତ ରଞ୍ଜନ ଦାସଙ୍କ ଦ୍ୱାରା ତା୨.୬.୨୦୯୦ରିଖରେ ଲିଖିତ 'ଇଏ କହୁଥିଲେ: ସିଏ କହୁଛନ୍ତି' ଶୀର୍ଷକ ପ୍ରବନ୍ଧର ସାରାଂଶରେ, ଯାହା ତଳେ ସ୍ଥାନିତ ଅଛି 'ଯେଉଁମାନେ ଏବେ କ୍ଷମତାରେ ଅଛନ୍ତି, ସେମାନେ କାଲି କ୍ଷମତାରେ ନଥିଲା ବେଳେ କହୁଥିଲେ । କ୍ଷମତାକୁ ଆସିବାକୁ ହେଉଥିଲେ । ଭଗବାନ ଚକୁଳି ପିଠାକୁ ଓଲଟାଇଦେଲେ । ଏମାନେ କ୍ଷମତାକୁ ଆସିଲେ ଓ କିଛି କହୁ ନାହାନ୍ତି । ଯେଉଁମାନେ କାଲି କ୍ଷମତାରେ ଥିଲେ, କିଛି କହୁନଥିଲେ, କ୍ଷମତା ନାମକ ମହାସଂଘରୁ ବଞ୍ଚିତ ହେବାପରେ ଏବେ ସେମାନେ ହିଁ ସବୁକିଛି କହୁଛନ୍ତି । ଭାରି କଲବଲ ହୋଇ କହିବାରେ ଲାଗିଛନ୍ତି ।

ସେଦିନ ସେମାନେ ମନ୍ତ୍ରୀ ଥିଲେଛସୁନା ଦାନ୍ତକାଠିରେ ଦାନ୍ତ ଘଷି ରୂପାଥାଳିରେ ହଗୁଥିଲେ । ଭୋଟ ହେଲା । ସେମାନେ ଗଲେ ଓ ଏମାନେ ଆସିଲେ । ମନ୍ତ୍ରୀ ହେଲେ । ଯେଉଁମାନେ ଛିଟିକି ହୋଇ ଗଲେ, ସେମାନେ କହିବାକୁ ଲାଗିଲେ 'ଆମେ ଅତ୍ୟନ୍ତ ପାରୁଆ ଥିଲୁ (Capable), ଏବେ ନିହାତି ନିପାରୁଆମାନେ ମାଲିକ ହୋଇ ଦେଶକୁ ନାରଖାର କରୁଛନ୍ତି ।'

ଏସବୁ ରଙ୍ଗ ଦେଖିଲେ ବେଳେବେଳେ ମନେହୁଏ ଯେ, ଏହି ଦୁଇଟାଯାକ ପଟ ଏହିପରି ଭାବରେ ପରସ୍ପରକୁ ଝିଙ୍ଗାସିବାରେ ଲାଗିଥିବେ ଏବଂ ସମସ୍ୟାଗୁଡ଼ିକ ସେମିତି ଲାଗି ରହିଥିବ ।'

ଶ୍ରୀ ଦାସ ମଧ୍ୟ ତାଙ୍କଦ୍ୱାରା ତା୧୦.୯.୧୯୮୮ରିଖରେ ଲିଖିତ 'ଦେଶଭକ୍ତ ଓ ଦେଶଭକ୍ତି' ପ୍ରବନ୍ଧରେ ଯାହା ଲେଖିଥିଲେ, ତାହାର ସାରାଂଶଟି ହେଉଛି 'ଯୋଉମାନେ ଶାସକ ହିସାବରେ ଗୋଟାଏ ଦେଶକୁ ଭୋଗ କରୁଥାନ୍ତି, ଦୁଷ୍ଟ ପୃଥିବୀରେ ସେମାନେ ହିଁ ସଚରାଚର ଦେଶଭକ୍ତିର କଥାମାନ କହିଥାନ୍ତି । ନିଜକୁ କୋଉ ଗରଜରେ ପଡି ସେମାନେ ସତେଅବା ଏକମାତ୍ର ଦେଶଭକ୍ତ ବୋଲି ମାନି ନେଇଥାନ୍ତି କେଜାଣି, ସେମାନଙ୍କ ଠାରୁ ଭିନ୍ନ ଆଖିରେ ଦେଖୁଥିବା ସମସ୍ତଙ୍କୁ ସେମାନେ ଯାଉଣୁ ଆସୁଣୁ 'ଦେଶଦ୍ରୋହୀ' ବୋଲି କହନ୍ତି । ତା'ର ଅସଲ କାରଣଟା ହେଉଛି ଯେ ସେମାନେ ନିଜ ସହିତ ଦେଶକୁ ଅଭେଦ ବୋଲି ମାନି ନେଇଥାନ୍ତି । ସେମାନେ ରହିଛନ୍ତି ବୋଲି ଦେଶଟା ରହିଛି ବୋଲି ଭ୍ରମ କରୁଥାନ୍ତି । ଏମାନଙ୍କୁ ଛାଡି ଆହୁରି ଅନେକ ଦେଶ ବିଷୟରେ ଚିନ୍ତା କରୁଛନ୍ତି ଯେଉଁଥିରେ ସାଧୁତା ଅଛି । ମାତ୍ର ସେମାନେ ଶାସନରେ ବ ନିଜର ସାଧୁତାଟିକୁ କେଡେ ସୂତରରେ ହଜାଇ ଦେଇଥାନ୍ତି । ଅନ୍ୟର ଅକଲକୁ ଚିହ୍ନିବାକୁ ଆହୁରି ଆହୁରି ଅଧିକ ଅକଲ ଆବଶ୍ୟକ ହୁଏ ।

ଦେଶରେ ଯାହା ଯେମିତି ଚାଲିଛି, ସେସବୁକୁ ସମର୍ଥନ କରିବା ଓ ସର୍ବଶ୍ରେଷ୍ଠ ବୋଲି କହିବା ଆଦୌ ଦେଶଭକ୍ତି ନୁହେଁ, ଅସଲ ଦେଶଭକ୍ତ ଦେଶକୁ ବଦଳାଇବାର ସଂକଳ୍ପ ରଖିଥାଏ । ଦେଶକୁ ଶାସନ କରିବା ନାଆଁରେ ଭୋଗ କରିବା– ଏହାକୁ କଦାପି ଦେଶଭକ୍ତି ବୋଲି କୁହାଯିବ ନାହିଁ । ଭାରତବର୍ଷର ନେତା ଓ ଅମଲାମାନେ ଗତ ପ୍ରାୟ ଚାଳିଶି ବର୍ଷ ହେଲା (୧୯୮୯ରେ ଏହି ଲେଖାଟି ଲେଖାହେଲା ବେଳକୁ ସ୍ୱାଧୀନତା ପ୍ରାପ୍ତିକୁ ପ୍ରାୟ ଚାଳିଶବର୍ଷ ହୋଇଥିଲା ବୋଲି ଲେଖକ ଲେଖିଥିଲେ । ... ଏବେକୁ ସ୍ୱାଧୀନତାପ୍ରାପ୍ତି ଅଠସ୍ତରୀ ବର୍ଷ ହେଲାଣି) ଶାସନ ନାଆଁରେ ଦେଶଟାକୁ ପ୍ରଧାନତଃ ଭୋଗକରି ଆସୁଛନ୍ତି । ସେମାନଙ୍କ ଭୋଗନିଶାର ଭାବଗୁଡିକ ଏବେ ମଧ୍ୟ ଶୁଖିନାହିଁ... ।'

ତେଣୁ, 'ଆମେ କେତେବେଳେ କେଉଁ ଦେଶର ଜିନିଷକୁ ଅଧିକ ବ୍ୟବହାର କରିବା ତଥା କଚାଡି କଚାଡି ଭାଙ୍ଗିବା', ତାହାକୁ 'ସ୍ଥାନ,କାଳ ଓ ପାତ୍ରମାନ'ଙ୍କ ଉପରେ ଛାଡି ଦିଆଯାଉ ।

ମୋ. ୮୮୯୫୮୫୭୩୧୮

# ବନ୍ଦେ ମାତରମ୍-ଏକ ଆଧ୍ୟାତ୍ମିକ ମନ୍ତ୍ର

■ ଦାଶରଥି ଶତପଥୀ ■

ବନ୍ଦେ ମାତରମ୍ କେବଳ ସଙ୍ଗୀତ ନୁହେଁ । ଏହା ହେଉଛି ଭାରତୀୟ ଜାତୀୟତାବାଦର ଆତ୍ମା ଏବଂ ପ୍ରତ୍ୟେକ ଭାରତୀୟ ହୃଦୟର ସ୍ପନ୍ଦନ ଏବଂ ଜାତୀୟ ଚେତନାର ସ୍ୱର ।

ବନ୍ଦେ ମାତରମ୍ ଗୀତଟି ବିଶିଷ୍ଟ ସାହିତ୍ୟିକ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୭୦ ଦଶକରେ ରଚନା କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହା ତାଙ୍କର ପ୍ରସିଦ୍ଧ ଉପନ୍ୟାସ ଆନନ୍ଦମଠରେ ସ୍ଥାନ ପାଇଥିଲା । ଏହି ସଙ୍ଗୀତଟି ସଂସ୍କୃତ ଏବଂ ବଙ୍ଗଳା ଭାଷାର ମିଶ୍ରଣରେ ରଚିତ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ବନ୍ଦେ ମାତରମ୍ ଏକ ମନ୍ତ୍ର ପାଲଟିଗଲା । ୧୮୯୬ ମସିହାରେ କଲିକତା ଅଧିବେଶନରେ ରବୀନ୍ଦ୍ରନାଥ ଟାଗୋର ପ୍ରଥମକରି ଏହାକୁ ଗାନ କରିଥିଲେ ।

ବ୍ରିଟିଶ ଶାସନ ବିରୋଧରେ ଲଢ଼ିବା ପାଇଁ ଏହା କୋଟି କୋଟି ଭାରତୀୟଙ୍କୁ ଏକଜୁଟ କରିଥିଲା । ଏହା ସଂଗ୍ରାମୀମାନଙ୍କ ମନରେ ଅସୀମ ସାହସ ଓ ଶକ୍ତି ଭରିଥିଲା । ବନ୍ଦେ ମାତରମ୍‌ର ଅର୍ଥ ହେଉଛି ହେ ମାତୃଭୂମି, ମୁଁ ତୁମକୁ ବନ୍ଦନା କରୁଛି ଏଥିରେ ଭାରତମାତାଙ୍କୁ ଶସ୍ୟଶ୍ୟାମଳା, ଜଳମୟୀ ଏବଂ ଶକ୍ତିର ରୂପରେ ବର୍ଣ୍ଣନା କରାଯାଇଅଛି । ଏହା କେବଳ ମାଟିକୁ ନୁହେଁ ବରଂ ମାତୃଭୂମିକୁ ମା' ରୂପରେ ସମ୍ମାନ ଦେବାର ଏକ ପରମ୍ପରା । ଆମ ଦେଶ ସ୍ୱାଧୀନତା ପରେ ଭାରତ ସରକାର ଏହାକୁ ୨୪ ଜାନୁୟାରୀ ୧୯୫୦ ମସିହାରେ ଜାତୀୟ ଗୀତ ଭାବରେ ସ୍ୱୀକୃତି ଦେଲେ ।

ବନ୍ଦେ ମାତରମ୍ ଗାନ କଲାବେଳେ ପ୍ରତ୍ୟେକ ଭାରତୀୟମାନଙ୍କ ରକ୍ତରେ ଏକ ଶିହରଣ ଖେଳିଯାଏ । ଏହା ଆମର ସାମୁହିକ ଗୌରବମୟ ଅତୀତକୁ ମନେ ପକାଇଦିଏ ଏବଂ ଦେଶପ୍ରତି ଭକ୍ତିଭାବ ଜାଗ୍ରତ କରେ ।

ବନ୍ଦେ ମାତରମ୍ କେବଳ ଦୁଇଟି ଶବ୍ଦ ନୁହେଁ ବରଂ ଏହା ହେଉଛି ଭାରତର ସ୍ୱାଧୀନତା ସଂଗ୍ରାମର ମନ୍ତ୍ର ଏବଂ ଦେଶପ୍ରେମକୁ ଜାଗ୍ରତ କରିବାପାଇଁ ଦେଶପ୍ରେମର ବହ୍ନିଶିଖା ।

ଶ୍ରୀ ଅରବିନ୍ଦ ବନ୍ଦେ ମାତରମକୁ ରାଷ୍ଟ୍ରୀୟତାର ମନ୍ତ୍ର ବୋଲି କହିଥିଲେ । ତାଙ୍କ ମତରେ ବଙ୍କିମଚନ୍ଦ୍ର ଏହି ସଙ୍ଗୀତ ମାଧ୍ୟମରେ ଭାରତବାସୀଙ୍କୁ ଏକ ନୂତନ ଧର୍ମ ଦେଇଛନ୍ତି । ତାହା ହେଉଛି ଦେଶପ୍ରେମ । ସେ ତାଙ୍କର କର୍ମଯୋଗୀ ପତ୍ରିକାରେ ଲେଖିଥିଲେ ଯେ ବନ୍ଦେ ମାତରମ୍ ହେଉଛି ଏକ ଶକ୍ତିଶାଳୀ ମନ୍ତ୍ର, ଯାହା ଦେଶର କୋଟି କୋଟି ଲୋକଙ୍କୁ ଏକଜୁଟ କରିବାର ସାମର୍ଥ ରଖେ ।

ବିଶ୍ୱକବି ରବିନ୍ଦ୍ରନାଥ ଟାଗୋର ଏହି ଗୀତକୁ ପ୍ରଥମେ ସ୍ୱର ଦେଇଥିଲେ ଏବଂ ଗାନ କରିଥିଲେ । ତାଙ୍କ ମତରେ ଏହି ସଙ୍ଗୀତର ଶବ୍ଦାବଳୀ ମଧ୍ୟରେ ଏପରି ଏକ ଚୁମ୍ବକୀୟ ଶକ୍ତି ଅଛି, ଯାହା ଶ୍ରୋତାଙ୍କ ଭିତରେ ଗଭୀର ଏବଂ ଆଧ୍ୟାତ୍ମିକ ଦେଶପ୍ରେମର ଭାବନା ଜାଗ୍ରତ କରେ ।

ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ ବନ୍ଦେ ମାତରମ୍ କେବଳ ଏକ ଶବ୍ଦ ନୁହେଁ, ଏହା ଏକ ପବିତ୍ର ଭାବନା ଔ ଏହି ଗୀତଟି ଆମର ଜାତୀୟ ସଂଗ୍ରାମ ସହିତ ଅତି ନିର୍ବିଡ଼ ଭାବରେ ଜଡ଼ିତ । ଭଗିନୀ ନିବେଦିତା ଏହି ସଙ୍ଗୀତକୁ ଭାରତର ସ୍ୱାଧୀନତାର ସଂକଳ୍ପ ବୋଲି ମାନୁଥିଲେ ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପାଇଁ ବନ୍ଦେ ମାତରମ୍ ଥିଲା ବିପ୍ଳବର ସୂତ୍ର । ଆଜାଦ ହିନ୍ଦ ଫୌଜ ମଧ୍ୟ ଏହି ସଙ୍ଗୀତରୁ ପ୍ରେରଣା ପାଉଥିଲେ, ତେଣୁ ବନ୍ଦେ ମାତରମ୍ କେବଳ କିଛି ପଦର ସମାହାର ନଥିଲା, ଏହା ଏକ ଆଧ୍ୟାତ୍ମିକ ମନ୍ତ୍ର, ସାଂସ୍କୃତିକ ଗାନ ଏବଂ ବିପ୍ଳବୀଙ୍କ ପାଇଁ ସ୍ୱାଧୀନତାର ରଣହୁଙ୍କାର ।

ଆଉ କିଛି ବର୍ଷ ପରେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ସରକାର ସବୁ କ୍ଷେତ୍ରରେ ଦେଶକୁ ଆଗେଇ ନେବାକୁ ଶତଚେଷ୍ଟିତ । ଆର୍ଥିକ କ୍ଷେତ୍ରରେ ଆମେ ଅଗ୍ରଗତି କରିଛୁ । ପ୍ରତିରକ୍ଷା କ୍ଷେତ୍ରରେ ବହୁ ପରିମାଣରେ ସଜାଗ ଓ ସୁରକ୍ଷିତ ହୋଇ ପାରିଛୁ । ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଆମ ଦେଶ ଭାରତବର୍ଷ ବହୁ ଆଗରେ ରହି ଅନ୍ୟାନ୍ୟ ଅଗ୍ରଣୀ ଦେଶ ମାନଙ୍କ ସହ ତାଳ ଦେଇ ଚାଲିଛି ।

ଅତୀତରେ ଭାରତବର୍ଷ ନିଜର ନୈତିକତା ନେଇ ଶିକ୍ଷା, ସଂସ୍କୃତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଜରିଆରେ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା । ସେହିଭଳି ଭାବରେ ସାମ୍ପ୍ରତିକ ପରିସ୍ଥିତିରେ ତା'ର ସ୍ୱ–ଚିନ୍ତାଧାରାରେ ଆଧ୍ୟାତ୍ମିକ ଚେତନାର ପୁନଃ ଅନ୍ତରାୟ ଘଟାଇ ସମଗ୍ର ବିଶ୍ୱକୁ ଭାବମୟ ବନ୍ଧନରେ ବାନ୍ଧି ରଖିବା ସହିତ ବିଭିନ୍ନ କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବା ପାଇଁ ସକ୍ଷମ ହେଇପାରିଛି ।

ତେଣୁ ବନ୍ଦେ ମାତରମ୍‌ର ସେହି ଅବଧିକୁ ପାଥେୟକରି ଆମେ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବା ଏବଂ ମାତୃଭୂମିର ଗୌରବକୁ ସବୁବେଳେ ବଜାୟ ରଖିବା । ଭାରତମାତାର ଜଣେ ଜଣେ ସୁଯୋଗ୍ୟ ସନ୍ତାନ ଓ ସନ୍ତତି ହିସାବରେ ଆମ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆମେ ସଂକଳ୍ପ ନେବା ଏବଂ ଏକ ନିଷ୍ଠ, ଏକ ପ୍ରାଣ ଓ ଏକବ୍ରତ ଆମର ହେବ । ସାମୁହିକ ଭାରତବର୍ଷ, ଉତ୍କର୍ଷର ଭାରତବର୍ଷ । ଶାନ୍ତି ମୈତ୍ରି ସ୍ନେହ ସଦଭାବର ଭାରତବର୍ଷ ।

ପ୍ରାକ୍ତନ ଆୟୁକ୍ତ ଓ ସଚିବ
ଓଡ଼ିଶା ବିଧାନସଭା
ମୋ. ୯୩୩୭୪୯୩୭୩

# ସରକାରୀ ରାଜସ୍ୱ ଆଦାୟ ପାଇଁ ପ୍ରଦୂଷଣ ସାର୍ଟିଫିକେଟ ଫନ୍ଦି

■ ଯୁଧିଷ୍ଠିର ମହାରଣା ■

ଲୋକମାନଙ୍କର ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଟେନସନ କ'ଣ ଜାଣିଛନ୍ତି, ଗାଡ଼ି କାଢୁଥିଲେ ଶହେଥର ଭାବିଚିନ୍ତି ଗାଡ଼ି କାଢ଼ନ୍ତୁ । କାରଣ କେତେବେଳେ କେଉଁ ପ୍ରକାରର ବି ଜୋରିମାନା ମୋବାଇଲ ମେସଜକୁ ଆସିପାରେ ଯଦିଓ କିଛି ଦିନ ତଳେ ମନ୍ତ୍ରୀଙ୍କ ଘୋଷଣାକ୍ରମେ ଏହା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଟଳିଯାଇଛି ତେବେ ସବୁଠାରୁ ବଡ଼ କଥା ହେଉଛି ସରକାର ଯେଉଁପରି ଭାବେ ପ୍ରଦୂଷଣକୁ ନେଇ ଏକ ରକମର ଜୋର ଦମ୍ ଲଗାଇ ଦେଇଛନ୍ତି ସେହି ଭାବରେ ନିଜେ ଯେଉଁ ପ୍ରଦୂଷଣ କରୁଛନ୍ତି ତାହା ପାଇଁ ସାଧାରଣ ଜନତାଙ୍କୁ ଜୋରିମାନା ଦେଉଛନ୍ତି କି? ପ୍ରଦୂଷଣ ନିୟନ୍ତ୍ରଣ ବାହାନାରେ ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ବାଟରେ ଜରିମାନା ସରକାର କଷୁଛନ୍ତି । କିନ୍ତୁ ଖୋଦ ସରକାରଙ୍କ ଦ୍ୱାରା ଯେଉଁ ପରିବେଶ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି ତାହା ପାଇଁ ପ୍ରତିକ୍ରିୟା ସୃଷ୍ଟି ହେଉଛି । ସହର ରାସ୍ତାରେ ବହଳ ବହଳ ଧୂଳି, ପରିବେଶକୁ ବିଗାଡ଼ି ଚାଲିଛି । ରାସ୍ତାରେ ଯେଉଁ ପ୍ରକାର ଆବର୍ଜନା ଗଦା ହେଉଛି ଓ ଧୂଳବି ମଧ୍ୟ ଉଠୁନି ଏହା ନିମିତ୍ତ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ଦୁର୍ଘଟଣା ଜନିତ ଜନଜୀବନ ହାନୀ ଘଟୁଛି । ପୌର ନିଗମ ପକ୍ଷରୁ ପ୍ରତିବର୍ଷ ପରିମଳ ବାବଦରେ ୬୦କୋଟିରୁ ଅଧିକ ଟଙ୍କା ବ୍ୟୟ ଦର୍ଶା ଯାଉଛି ।

ବର୍ତ୍ତମାନ ସମୟର ବଡ଼ ଆତଙ୍କ କୁହାଯାଉଥିବା ପଲ୍ୟୁସନ ସାର୍ଟିଫିକେଟ କଥାଟିକେ ଆଲୋଚନା ରଖାଯାଉ । ନିଜ ନିଜ ଯାନବାହାନର ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଧାଉଁଥିବା ଲୋକେ ଏବେ ଗାଡ଼ିର ଚାଲାଣ ପଇଠ ପାଇଁ ନାକେଦମ ହେଉଛନ୍ତି । ବିଶେଷକରି ଯେଉଁମାନେ ଅଫଲାଇନରେ ଜୋରିମାନା ଅର୍ଥ ଦେବା ପାଇଁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ ବିଭାଗ କାଉଣ୍ଟରକୁ ଦଉଡୁଛନ୍ତି। ଯାନବାହାନର ଚାଲାଣ କାଟିବାର କ୍ଷମତା ଉଭୟ ପରିବହନ ବିଭାଗ ଓ ପୁଲିସ ବିଭାଗରେ ରହିଛି । ତେବେ ଯାନବାହାନର ଫିଟନେସ ଓ ପରିମିଟ ବାବଦୀୟ ଜୋରିମାନା କାଟିବା କେବଳ ପରିବହନ ବିଭାଗ ହାତରେ ଥିବାବେଳେ ଦ୍ରୁତ ଗାଡ଼ିଚାଳନା, ବିନା ହେଲମେଟ ଓ ସିଟବେଲ୍ଟରେ ଗାଡ଼ି ଚାଳନା ଆଦିର ଫାଇନ ଉଭୟ ପରିବହନ ଓ ପୁଲିସ ବିଭାଗ କାଟିପାରିବ । ସେହିଭଳି ରାଜପଥରେ ପରିବହନ ବିଭାଗ ଲଗାଇଥିବା କ୍ୟାମେରାରେ ଫାଇନ କାଟୁଥିବାବେଳେ ସହର ଭିତରେ ପୁଲିସ ବିଭାଗ ଲଗାଇଥିବା କ୍ୟାମେରାରେ ପୁଲିସ ବାବୁମାନେ ସ୍ମାର୍ଟ ଫାଇନ କାଟୁଛନ୍ତି ।

ତେବେ ଅନୁଧାନରୁ ଜଣାଯାଇଛି ଯେ ଜୋରିମାନା କଟିଥିବା ଯାନବାହାନର ୨୫ ପ୍ରତିଶତଙ୍କ ମୋବାଇଲ ନମ୍ବର ସେମାନଙ୍କ ଯାନବାହାନ ନମ୍ବର ସହିତ ସଂଯୁକ୍ତ ନାହିଁ । ସେମାନେ ନିଜ ନିଜର ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ଗାଡ଼ିର ଜୋରିମାନା ପଇଠ ପାଇଁ କୁହାଯାଉଛି । ତେବେ ଏହି ଲୋକମାନେ ଅନଲାଇନରେ ଜୋରିମାନା ପଇଠ ସମ୍ଭବ ନ ହେବାରୁ ସେମାନେ ଅଫଲାଇନରେ ଦେବାକୁ ବାଧ ହେଉଛନ୍ତି । ତେବେ ଏହିଠାରୁ ସେମାନଙ୍କ ସମସ୍ୟା ଆରମ୍ଭ ହେଉଛି । ସେମାନଙ୍କ ଜୋରିମାନା ପରିବହନ ବିଭାଗ ଦ୍ୱାରା କଟାଯାଇଛି କି ପୁଲିସ ବିଭାଗ ଦ୍ୱାରା କଟାଯାଇଛି ସାଧାରଣ ଲୋକେ ତାହା ସହଜରେ ଜାଣିପାରୁ ନାହାନ୍ତି । ତେଣୁ ପରିବହନ ବିଭାଗ ନିକଟକୁ ଅଫଲାଇନରେ ଜୋରିମାନା ପଇଠ ପାଇଁ ଯିବା ବେଳକୁ ସେମାନେ ଲୋକମାନଙ୍କୁ ପୁଲିସ ନିକଟକୁ ପଠାଇ ଦେଉଛନ୍ତି । ପୁଲିସ ନିକଟକୁ ଗଲେ ପରିବହନ ବିଭାଗ ଦ୍ୱାରା କଟାଯାଇଥିବା ଚାଲାଣ ଆରଟିଓ ଅଫିସରେ ହିଁ ଦିଆଯିବ ବୋଲି କହି ବିଦା କରାଯାଉଛି । ଯଦି କଟାଯାଇଥିବା ଚାଲାଣକୁ ପ୍ରତ୍ୟେକ ସ୍ଥାନରେ ଗ୍ରହଣ କରାଯାଇ ପାରନ୍ତା ତେବେ ଲୋକେ ଏଭଳି ସମସ୍ୟାରେ ପଡ଼ନ୍ତେ ନାହିଁ । ସେହିଭଳି ପ୍ରଦୂଷଣ କେନ୍ଦ୍ରଗୁଡ଼ିକୁ ଯଦି ଅନଲାଇନରେ ଜୋରିମାନା ଗ୍ରହଣର କ୍ଷମତା ପ୍ରଦାନ କରାଯାଆନ୍ତା ତେବେ ଲୋକେ ଆରଟିଓ ଅଫିସରୁ ଟ୍ରାଫିକ ଥାନା ପର୍ଯ୍ୟନ୍ତ ଧାଁ ଦଉଡ଼ କରନ୍ତେ ନାହିଁ ।

ପରିବହନ ବିଭାଗର ଅଧିକାରୀମାନେ ସବୁ ନିୟମକୁ ମୋଡ଼ି ମକଚି ଦେଇଛନ୍ତି । ପ୍ରଥମତଃ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆସେ। ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡ଼ିରେ ତେଲ ଦେବାକୁ ମନା କରିବାର କ୍ଷମତା ପରିବହନ ବିଭାଗର ନାହିଁ । କୌଣସି ମୋଟର ଯାନ ଆଇନରେ ମଧ୍ୟ ଏ ନିୟମ ନାହିଁ । ପରିବହନ ବିଭାଗର ଏହି ଅଜବ ନିୟମ ସମ୍ପର୍କରେ କିନ୍ତୁ ଯୋଗାଣ ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି ।

ଦ୍ୱିତୀୟରେ ଏସଟିଏ କର୍ତ୍ତୃପକ୍ଷ ନିୟମ କରିଦେଲେ, ଗାଡ଼ିରେ ଗ୍ରୀନ ଷ୍ଟିକର ନଥିଲେ ପେଟ୍ରୋଲ ମିଳିବନି। ହେଲେ ଏହି ଗ୍ରୀନ ଷ୍ଟିକର କେମିତିକା ତାହା ପରିବହନ ବିଭାଗର ଅଧିକାରୀମାନେ ଏ ପର୍ଯ୍ୟନ୍ତ ଦେଖିନାହାନ୍ତି । କାରଣ ରାଜ୍ୟରେ ଗ୍ରୀନ ଷ୍ଟିକର ନାହିଁ । ପାଖରେ ଷ୍ଟିକର ନଥାଇ କିଭଳି ନିୟମ ହେଲା? ଏବେ ଷ୍ଟିକର କଥା ପଚାରିବାରୁ ପରିବହନ ମନ୍ତ୍ରୀ କହୁଛନ୍ତି, ରାଜ୍ୟ ସରକାର ଫେବୃଆରୀ ମାସରେ ଯୋଗାଇବେ । ହେଲେ ଲୋକଙ୍କୁ କେମିତି ଏହା ମିଳିବ, ସେ ନେଇ ଚୁପ। ଲୋକମାନେ ଏବେ ପ୍ରଦୂଷଣ ସାର୍ଟିଫିକେଟ କରିବାକୁ ସବୁ କାମଧନ୍ଦା ଛାଡ଼ି ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଛନ୍ତି। ଷ୍ଟିକର ପାଇଁ ଆଉଥରେ ଛିଡ଼ା ହେବେ?

ତୃତୀୟରେ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଯେଉଁ ଯନ୍ତ୍ର ଅଛି, ସେଥିରେ ଯେଉଁ ଗାଡ଼ି ଯାଞ୍ଚ ହେଉଛି ତାକୁ ପ୍ରମାଣପତ୍ର ମିଳୁଛି । ଅର୍ଥାତ୍ ଯାହାର କୌଣସି ଜରିମାନା ନାହିଁ, ଗାଡ଼ିର ପଞ୍ଜୀକରଣ ସାର୍ଟିଫିକେଟ ଓ ଫିଟନେସ ଅଛି ତାଙ୍କୁ ଆରାମରେ ପ୍ରଦୂଷଣ ସାର୍ଟିଫିକେଟ ମିଳିଯିବ । ପ୍ରଦୂଷଣ ସାର୍ଟିଫିକେଟ ଦେଉଥିବା ଏକ ସଂସ୍ଥାର କର୍ମଚାରୀଙ୍କ କହିବାନୁଯାୟୀ ଆମେ ଅନଲାଇନରେ ଗାଡ଼ିର ନମ୍ବର ପ୍ଲେଟ ଫେଟୋ ପକାଇଦେଲେ ସବୁ ତଥ୍ୟ ଆସିଯାଉଛି ଏବଂ ଜରିମାନା ନଥିଲେ, କାଗଜପତ୍ର ଠିକ ଥିଲେ ସାର୍ଟିଫିକେଟ ଇସ୍ୟୁ ହୋଇଯାଉଛି ।

ଅନୁରୂପ ଭାବେ ରାଜପଥରେ ଯିବା ସମୟରେ ଯେଉଁମାନଙ୍କର ଯେଉଁ ଅଞ୍ଚଳରେ ଚାଲାଣ କଟିଛି ଅଫଲାଇନରେ ଚାଲାଣ ପଇଠ କରିବା ପାଇଁ ସମ୍ପୃକ୍ତ ଗାଡ଼ି ଚାଳକଙ୍କୁ ସେହିସବୁ ଇଲାକାରେ ଥିବା ଆରଟିଓ ଅଫିସକୁ ଯିବାକୁ ବଧ କରାଯାଉଛି। ଗାଡ଼ିରେ ତେଲ ପକାଇବା ପାଇଁ ସରକାର ପ୍ରଦୂଷଣ ସାର୍ଟିଫିକେଟକୁ ବାଧ୍ୟତାମୂଳକ କରିଥିବାବେଳେ ଏହି ସାର୍ଟିଫିକେ ପାଇବା ପାଇଁ ପୁରୁଣା ଜୋରିମାନା ପଇଠ କରିବାକୁ କୁହାଯାଉଛି । ଏହା ଫଳରେ ଏବେ ଲୋକେ କାମ ଦାମ ଛାଡ଼ି ଆରଟିଓ ଅଫିସ ଓ ଥାନା ଗୁଡ଼ିକୁ ଦଉଡିବାରେ ଲାଗିଛନ୍ତି । ଡିଜିଟାଲ ଯୁଗରେ ଅଫଲାଇନ ଜରିମାନା ପଇଠ ସୁବିଧା ସମସ୍ତ ଆରଟିଓ ଓ ଅନୁମତି ପ୍ରାପ୍ତ ଥାନା ଗୁଡ଼ିକରେ ଯୋଗାଇ ଦିଆଗଲେ କେବଳ ସାଧାରଣ ଲୋକେ ଉପକୃତ ହୁଅନ୍ତେ ନାହିଁ, ଧାର୍ଯ୍ୟ ସମୟରେ ରାଜକୋଷକୁ ଅଧିକ ଅର୍ଥ ଆସିପାରନ୍ତା ଓ ସରକାର ମଧ୍ୟ ସମାଲୋଚନାରୁ ରକ୍ଷା ପାଇପାରନ୍ତେ ।

ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ. : ୯୪୩୭୧୬୩୫୨୮

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୦ ଜାନୁଆରୀ ୨୦୨୬ ମଙ୍ଗଳବାର ପୃଷ୍ଠା ୫


ଏକ ନିରୋଗ ଶରୀର ମାଧ୍ୟମରେ ସୁଖ ଶାନ୍ତିଭରା ଜୀବନଯାପନ କରିବା ପାଇଁ ଖାଦ୍ୟର ଉପାଦେୟତା ସବୁବେଳେ ଗୁରୁତ୍ୱପୂର୍ଣ୍ଣ । ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ । କେତେବେଳେ କାହାର ଜୀବନ ପ୍ରଦୀପ ନିର୍ବାପିତ ହୋଇଯିବ କହିହେବ ନାହିଁ । ସେଥିପାଇଁ ମନୁଷ୍ୟ ଜୀବନକୁ ପାଣି ଫୋଟକା ସହିତ ତୁଳନା କରାଯାଇଛି । ତଥାପି ଯେତେଦିନ ଏ ସଂସାରରେ ବଞ୍ଚିଥିବା ଏ ଶରୀରକୁ ସୁସ୍ଥ ରଖିବା ପାଇଁ ଯତ୍ନବାନ ହେବା । କାରଣ ଏ ସଂସାର ସାଗରକୁ ସୁରୁଖୁରୁରେ ପାର ହେବା ପାଇଁ ଶରୀର ଏକମାତ୍ର ମାଧ୍ୟମ । ଗଭୀର ତରଙ୍ଗାୟିତ ସମୁଦ୍ରକୁ ପାର ହେବା ପାଇଁ ଏକ ନିଖୁଣ ପୋତର ଆବଶ୍ୟକତା ଥିଲାପରି ନାନା ଝଡ଼ଝଞ୍ଜା ମଧ୍ୟଦେଇ ଗତି କରୁଥିବା ଅମୂଲ୍ୟ ମାନବ ଜୀବନକୁ ସୁରୁଖୁରୁରେ ଚଳାଇ ନେବା ପାଇଁ ଏକ ସୁସ୍ଥ ଶରୀର ଆବଶ୍ୟକ । ଜାହାଜରେ ଛିଦ୍ର ଥିଲେ ଗଭୀର ସମୁଦ୍ର ମଧ୍ୟରେ ଜାହାଜଟି ବୁଡ଼ିଗଲା ପରି ରୋଗାକ୍ରାନ୍ତ ଶରୀର ଅସମୟରେ ମୃତ୍ୟୁବରଣ କରେ ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ

ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧି ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହୋଇ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ । ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ନ ହୋଇ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି । ବାବାଙ୍କ ମତରେ ସରଳ ଜୀବନ ଯାତ୍ରାର ପ୍ରଣାଳୀ ଅବଲମ୍ବନ ସହଜ ସାବଲୀଳ ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିଜର ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ । ଖାଦ୍ୟ ପଦାର୍ଥର ସ୍ୱାଦୁ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ପାଇଁ ଜିହ୍ୱା ମନକୁ ପ୍ରଭାବିତ କରିଥାଏ । ଫଳରେ ଅନିୟନ୍ତ୍ରିତ ମନର ପ୍ରଭାବରେ ଅଧିକ ପରିମାଣରେ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ଶରୀର ରୋଗାକ୍ରାନ୍ତ ହୋଇଥାଏ । ଅଧିକ ଚର୍ବି ଜାତୀୟ ଖାଦ୍ୟ, ତେଲ ଘିଅ ଓ ଶ୍ୱେତସାର ଖାଇବା ଦ୍ୱାରା ଶରୀରର ସ୍ଥୂଳତା ବୃଦ୍ଧି ପାଏ । ଅଧିକ ମସଲା, ରାଗ, ଚା', କଫି ଓ ମଦ୍ୟପାନ ପାକସ୍ଥଳୀ ଓ ଅନ୍ତଃନଳୀରେ ପ୍ରଦାହ ସୃଷ୍ଟି କରେ । ନିୟମିତ ଭାବେ ଖାଦ୍ୟ ଗ୍ରହଣର ବ୍ୟବଧାନ ଉପରେ ଦୃଷ୍ଟିରଖି ଖାଦ୍ୟ ଗ୍ରହଣ କଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହ ଶରୀର କାର୍ଯ୍ୟକ୍ଷମ ରହେ । ଖାଦ୍ୟର ପରିମାଣ ଓ ଗୁଣାତ୍ମକମାନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାଏ । ବିଭିନ୍ନ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ମଧ୍ୟରେ ଉତ୍ପନ୍ନ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ଦେହ ଓ ମନକୁ ବିଭିନ୍ନ ଭାବରେ ପରିଚାଳିତ କରେ । ଯେପରି ଖାଦ୍ୟ ସେପରି ମନ, ଯେପରି ମନ ସେପରି ଚିନ୍ତା ସେପରି ବ୍ୟବହାର ଓ କାର୍ଯ୍ୟ ଏବଂ ଯେପରି କାର୍ଯ୍ୟ ସେପରି ସ୍ୱାସ୍ଥ୍ୟ, ଖାଦ୍ୟ ମନୁଷ୍ୟକୁ ଚଳଚଞ୍ଚଳ କାର୍ଯ୍ୟକ୍ଷମ, ମାନ୍ଦା, ଚିନ୍ତାଗ୍ରସ୍ତ, ବିଷାଦଚିତ୍ତ ବା ପ୍ରଫୁଲ୍ଲ ରଖେ । ଖାଦ୍ୟର ପ୍ରକାର ଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ । ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ



ଆତ୍ମ ସଂଜମର ହ୍ରାସ ବୃଦ୍ଧିକୁ ମଧ୍ୟ ନିୟନ୍ତ୍ରିତ କରେ । ମନୁଷ୍ୟର ଖାଦ୍ୟ ଗ୍ରହଣକୁ ପଶୁପକ୍ଷୀଙ୍କ ଖାଦ୍ୟ ଗ୍ରହଣ ସହିତ ତୁଳନା କରାଯାଇଛି । ଜ୍ୱରରେ ଆକ୍ରାନ୍ତ କୁକୁର ଖାଦ୍ୟ ଖାଏ ନାହିଁ । ମାଲିକ ତା' ପାଖରେ ଯେତେ ଚକ୍ଷୁ ରୋଚକ ସୁସ୍ୱାଦୁ ଖାଦ୍ୟ ରଖିଲେ ମଧ୍ୟ ସେ ଖାଦ୍ୟ ନଖାଇ ଶୋଇ ରହେ । ମନୁଷ୍ୟ ଜ୍ୱରରେ ଆକ୍ରାନ୍ତ ହେଲେ ଔଷଧ ବ୍ୟବହାର କରି ସାମୟିକ ଭାବେ ସୁସ୍ଥ ହୋଇ ମନଇଚ୍ଛା ଖାଦ୍ୟ ଗ୍ରହଣ ଦ୍ୱାରା ଅଧିକ ଅସୁସ୍ଥ ହୋଇଯାଏ । ପକ୍ଷୀମାନେ ମଧ୍ୟ ରୋଗଗ୍ରସ୍ତ ହେଲେ ଖାଦ୍ୟ ବର୍ଜନ କରନ୍ତି । ପଶୁପକ୍ଷୀମାନେ ରୋଗଗ୍ରସ୍ତ ହେଲେ କେବଳ ନିଜ ନିଜର ଖାଦ୍ୟକୁ ନିୟନ୍ତ୍ରଣ କରିବା ଦ୍ୱାରା ଆରୋଗ୍ୟ ହୋଇଥାଆନ୍ତି । ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ । ଖାଦ୍ୟ ସମ୍ବନ୍ଧରେ ଗାଁଗୁଡିକରେ ଗୋଟିଏ ଲୋକପ୍ରିୟ ସତର୍କ ବାଣୀ ହେଲା– ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଜମର ଭେଟ । ହିନ୍ଦୁ ଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ୍ ଏହି ତିନି ଭାଗରେ ବିଭକ୍ତ କରାଯାଇଛି । ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ । ସାତ୍ତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନକରି ମନକୁ ନିଶ୍ଚଳ ରଖେ । ରାଜସିକ ଖାଦ୍ୟ ମନରେ ଭାବ ପ୍ରବଣତା ସୃଷ୍ଟିକରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜତା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟିକରେ । ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ । ମଦ ଓ ମାଂସର ମନୁଷ୍ୟ ଶରୀର ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଅନେକ ସତର୍କ କରାଯାଇଛି । ମାଂସ ଭକ୍ଷଣ ଦ୍ୱାରା ମନରେ ହିଂସ୍ର ପ୍ରବୃତ୍ତି ଜାତ ହୁଏ । ମାଂସ ଖାଇବା ପାଇଁ ପଶୁଟିକୁ ହତ୍ୟା କଲାବେଳେ ତା ମନରେ ଯେଉଁ ପ୍ରତିକ୍ରିୟା ଓ ଭାବାନ୍ତର ସୃଷ୍ଟିହୁଏ ତାହା ମାଂସଭକ୍ଷଣକାରୀର ମନ ଉପରେ ମଧ୍ୟ ପ୍ରଭାବ ପକାଇପାରେ ।

ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ଉଲ୍ଲେଖ ରହିଛି । ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ । ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ । ତାହାଶୁଣି ଦ୍ରୌପଦୀ ତାଚ୍ଛଲ୍ୟକରି ହସିବାକୁ ଲାଗିଲେ । କାଳେ ପିତାମହ ଖରାପ ଭାବିବେ ସେଥିପାଇଁ ପାଣ୍ଡବମାନେ ଦ୍ରୌପଦୀଙ୍କୁ ହସିବାର କାରଣ ବିଷୟ ପଚାରିବାରୁ ଦ୍ରୌପଦୀ କହିଲେ 'ଆପଣ ଏତେ ଦିନ ଧରି କୌରବମାନଙ୍କର ଉପଦେଷ୍ଟା ହୋଇ ରହି ତାଙ୍କୁ ଯଦି ଏ ବିଷୟରେ ଶିକ୍ଷା ଦେଇଥାଆନ୍ତି ଓ ନିଜେ ଯୁଦ୍ଧ କରିବାରୁ ନିବୃତ୍ତ ରହିଥାଆନ୍ତେ ତା'ହେଲେ ଆଜି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏହି ଧାରଣା ମୋ ମନରେ ଆସିବାରୁ ଆପଣଙ୍କ କଥା ଶୁଣି ମୋତେ ହସ ଲାଗିଲା ।' ଭୀଷ୍ମ ଉତ୍ତର ଦେଲେ କୌରବମାନଙ୍କ ଅନ୍ନରେ ମୋର ଏ ଶରୀର ପ୍ରତିପାଳିତ ହୋଇ ଆସୁଥିବାରୁ ମୋ ଶରୀରର ରକ୍ତ ସେମାନଙ୍କ ଖାଦ୍ୟ ଦ୍ୱାରା ଗଠିତ ହୋଇଥିଲା । ତେଣୁ ସେମାନେ ମୋତେ ଯାହା ଚାହୁଁଥିଲେ ମୋ ମନ ତାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ଓ ମୁଁ ତାହା କରୁଥିଲି । ଶର ଶଯ୍ୟାରେ ରହିବା ଫଳରେ ମୋ ଦେହରୁ ସେ ଦୂଷିତ ରକ୍ତ ବାହାରିଯାଇ



ମୋ ମନକୁ ପବିତ୍ର କରି ଦେଇଛି । ତେଣୁ ମୁଁ ଆଜି ଏ ଉପଦେଶ ଦେବାକୁ ସମର୍ଥ ହୋଇଛି । ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତ କରେ ।

ପାଶ୍ଚାତ୍ୟ ଦେଶଗୁଡ଼ିକରେ କଞ୍ଚା ପରିବାପତ୍ର, ଅଧାସିଝା ପରିବା କିମ୍ବା ମସଲା ଦିଆନଯାଇ ସିଝା ହୋଇଥିବା ପରିବାପତ୍ର ଖାଇ ଥାଆନ୍ତି । ବେଶୀ ସିଝିଗଲେ ଖାଦ୍ୟ ପ୍ରାଣ ନଷ୍ଟ ହୋଇଯାଏ । ଆମ ଦେଶରେ ବ୍ୟଞ୍ଜନର ସ୍ୱାଦ ବଢ଼ାଇବା ପାଇଁ ଓ ଆକର୍ଷଣୀୟ ଦେଖାଯିବା ପାଇଁ ଦିଆଯାଉଥିବା ମସଲାଯୁକ୍ତ ତରକାରୀକୁ ସେମାନେ ପସନ୍ଦ କରନ୍ତି ନାହିଁ । କାରଣ ଏହି ଖାଦ୍ୟ ସ୍ୱାସ୍ଥ୍ୟପକ୍ଷରେ ହାନିକାରକ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଖାଦ୍ୟପ୍ରାଣରେ ଭରପୁର କଞ୍ଚା ଖାଇ ହେଉଥିବା ଫଳ, ମୂଳ, ପନିପରିବା ଡାଲି ଜାତୀୟ ଖାଦ୍ୟ ମୁଗ, ମଟର, ବୁଟକୁ ଗଜା କରି ଭାଜି କରି ବା ଡାଲି କରି ଖାଇଲେ, ନଡ଼ିଆ ଖାଇଲେ ଓ ନଡ଼ିଆ ପାଣି ପିଇଲେ କିଛି ପରିମାଣରେ ଦହି ଖାଇଲେ ମଧ୍ୟ ସ୍ୱାସ୍ଥ୍ୟ ଭଲରହେ । ସୀମିତ ପରିମାଣରେ ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ । ଯଥେଷ୍ଟ ପରିମାଣରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ । ଖାଦ୍ୟ ଖାଇବା ବେଳେ ମଝିରେ ପାଣି ପିଇବା ଉଚିତ ନୁହେଁ । ଅନିୟମିତ ଖାଦ୍ୟ ଗ୍ରହଣ ଦ୍ୱାରା ମେଦବହୁଳତା, ଉଚ୍ଚରକ୍ତଚାପ ମଧୁମେହ ରୋଗ, ପରିପାକ ସମସ୍ୟା ଦେଖାଦିଏ । ସେଥିପାଇଁ ନିୟମିତ ବ୍ୟବଧାନରେ ଆବଶ୍ୟକତା ଅନୁଯାୟୀ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଉଚିତ । ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି । ତା'ହେଲା– ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଆହାର ଗ୍ରହଣ କରନ୍ତି ଭୋଗୀ ଓ ତିନିଥର ଆହାର ଗ୍ରହଣ କରନ୍ତି ରୋଗୀ । ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣ କରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ । ଅତ୍ୟଧିକ ପରିମାଣରେ ବାରମ୍ବାର ଖାଦ୍ୟ ଖାଇ ଅକାଳମୃତ୍ୟୁ ବରଣ କରିବା ଲୋକଙ୍କର ବହୁତ ଦୃଷ୍ଟାନ୍ତ ଅଛି । ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ମଝିରେ ମଝିରେ ଉପବାସ ରହିବା ପାଇଁ ସାଧୁସନ୍ଥମାନେ କହିଥାନ୍ତି । ଏହାଦ୍ୱାରା ପାକ ଯନ୍ତ୍ର ବିଶ୍ରାମ ପାଏ ।





# କସ୍ତୁରୀ ଭଳି ଲୁଚିଛି ଶାନ୍ତି

ସାଧାରଣରେ ଆଧ୍ୟାତ୍ମିକ କଥନୀକାରେ ସମସ୍ତେ ଏହି ଧାଡ଼ିଟି କହିଥାନ୍ତି । ଏହାର ସାରମର୍ମ ହେଉଛି, ଜଣେ ପ୍ରତ୍ୟେହ ଗୀତା ପାଠ କରୁ । ଶିକ୍ଷିତ ଏବଂ କର୍ମକାଣ୍ଡ ବିଷାରଦମାନେ ଯେ କେବଳ ଗୀତା ପାଠ କରିବେ ଏହାର କୌଣସି ନିୟମ ନାହିଁ । ଶ୍ରଦ୍ଧାର ସହିତ ଭଗବତ୍ ଗୀତା ପ୍ରତ୍ୟେହ ଯେ କେହି ଅଧ୍ୟୟନ କରିବା ଦ୍ୱାରା ତା ଜୀବନ ଧନ୍ୟ ହେବା ସହ ସିଏ ମୋକ୍ଷ ପ୍ରାପ୍ତି ହୋଇଥାଏ । ଦ୍ୱିତୀୟ ଧାଡ଼ିର ନିର୍ଯ୍ୟାସ ହେଲା ପିତାର ସ୍ୱାଦ ପାଟି ପାଇଁ ତିକ୍ତ ହେଲେ ବି ଏହା ସ୍ୱାସ୍ଥ୍ୟ ପାଇଁ ମହୌଷଧି ପରି କାମକରେ । ସଂପ୍ରତି ଧାଁ ଧଉଡ଼ ବ୍ୟସ୍ତପୂର୍ଣ୍ଣ ଜୀବନ ଭିତରେ ସମସ୍ତେ କର୍ମର ବାହାନାରେ ଆମ ହିନ୍ଦୁ ବିଧାନର ମୂଳ ବିଚାରଧାରାରେ ଥିବା ସ୍ୱାଧ୍ୟାୟ ଅର୍ଥାତ୍ ପ୍ରତିଦିନ କିଛି ସମୟ ଯେ କୌଣସି ଆଧ୍ୟାତ୍ମିକ ପୁସ୍ତକ ପଢିବା ଜରୁରି । ଏହାଦ୍ୱାରା ମଣିଷର ମାନବୀୟ ମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ । ପିଲାମାନଙ୍କୁ ପ୍ରତ୍ୟୁଷରୁ ନିଜେ ବାପା-ମା ଧ୍ୟାନ ଓ ଯୋଗର ଅଭ୍ୟାସ କରାଇଲେ ସେମାନେ ସାରା ଜୀବନ ନିଶ୍ଚିତ ଭାବରେ ଦିବ୍ୟପଥର ଯାତ୍ରୀ ହୋଇପାରିବେ । ଦିନଥିଲା ଗାଁ ଗାଁରେ ଭଗବତ ଟୁଙ୍ଗୀ ଗଢ଼ି ଉଠୁଥିଲା ମୁହଁ ସଞ୍ଜବେଳେ ଦୀପର ଆଲୁଅ ଭିତରେ ବ୍ରାହ୍ମଣଙ୍କର ମୁଖନିଶ୍ରୁତ ଭଗବଦ୍ ବାଣୀ ଶୁଣି ନିଜ ଜୀବନକୁ ଆଧ୍ୟାତ୍ମମୟ କରିବା ପାଇଁ ପ୍ରେରଣା ପାଉଥିଲେ । ବର୍ତ୍ତମାନ କିନ୍ତୁ ସେହି ହଜିଯାଇଥିବା ଦିନର ଭାଗବତ ଟୁଙ୍ଗୀ ସ୍ଥାନରେ ଗଢ଼ି ଉଠିଛି କ୍ଲବ ଓ ଯୁବକମାନଙ୍କ ବୈଠକଖାନା ।

ସାଂପ୍ରତିକ ମୋହଗ୍ରସ୍ତ ଜୀବନରେ ସମସ୍ତେ ଶାନ୍ତି ପାଇଁ ବ୍ୟାକୁଳିତ ହେଉଥିଲେ ବି ବାସ୍ତବରେ ଶାନ୍ତି ଯେ ନିଜ ଭିତରେ ଏବଂ ମୃଗନାଭି କସ୍ତୁରୀ ନିଜ ସୁଗନ୍ଧିକୁ ଜାଣିନପାରି ବ୍ୟସ୍ତ ହୋଇ ଧାଉଁଥିବା ପରି ଆମ୍ଭେମାନେ ଠିକ୍ ସେହିପରି ବାସ୍ତବ ଜୀବନର ଶାନ୍ତି ଓ ଖୁସି ପାଇଁ ଲୋକଦେଖାଣିଆ ଧାର୍ମିକ ସାଜୁଛେ ।

ସବୁଠାରୁ ବଡ଼କଥା ହେଉଛି ଯେଉଁ ସମୟରେ ସମାଜରେ ମାନବୀୟ ମୂଲ୍ୟବୋଧ ହଜିଯାଉଛି ସେହି ସମୟରେ କୌଣସି ସରକାରୀ ବା ବେସରକାରୀ ସଂଗଠନର ବିନା ସାହାଯ୍ୟରେ କିଛି ଗୀତାପ୍ରେମୀ ଶ୍ରଦ୍ଧାଳୁମାନଙ୍କ ଦୈବପ୍ରଦତ୍ତ ନିଷ୍ଠା ଓ ଭକ୍ତି ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ସମର୍ପିତ ହେଉଛି ।

ଆଜିର ସମଜାରେ କେବଳ ଶାରୀରିକ ନୁହେଁ ସାମାଜିକ ତଥା ଭୌତିକ ସବୁ କ୍ଷେତ୍ରରେ ମଣିଷ ପଣିଆ ହଜିଯାଇଥିବାବେଳେ ତଥାପି ବଞ୍ଚି ରହିଛି ଆଧ୍ୟାତ୍ମିକ ମହକକୁ ଭଲ ପାଉଥିବା କିଛି ନିଃସ୍ୱାର୍ଥପର ହୃଦୟର ସମାଜ ସେବକ । କାହାଠାରୁ ଟଙ୍କାଟିଏ ସାହାଯ୍ୟକୁ ଆଶା ନରଖି ନିଜ ବ୍ୟକ୍ତିଗତ ଉଦ୍ୟମରେ ପ୍ରଚେଷ୍ଟା ଜାରି ରଖିଛନ୍ତି । ସରକାର ହଜିଯାଇଥିବା ପୁରୁଣା ଦିନର ପ୍ରତିଟି ଗାଁରେ ଭାଗବତ ଟୁଙ୍ଗୀରେ ଭାଗବତ ଓ ଗୀତା ପଠନର ଅଭ୍ୟାସ କରାଇଲେ ବିଶେଷକରି ଯୁବବର୍ଗଙ୍କ ଭିତରେ ଧର୍ମର ପ୍ଲାବନ ଘଟିପାରେ । ଏ କ୍ଷେତ୍ରରେ କେବଳ ସରକାରଙ୍କୁ ଦାୟୀ ଦେଲେ ହେବନାହିଁ କାରଣ ନିଜ ବ୍ୟକ୍ତିଗତ ଜୀବନର ସୁଧାର ପାଇଁ ପ୍ରତିଟି ଲୋକର ସମର୍ପିତ ଶ୍ରଦ୍ଧା ରହିବା ଉଚିତ । ଯଥାର୍ଥରେ ଗୀତାରେ ଲେଖାଅଛି – 'ଶ୍ରଦ୍ଧାବାନ ଲଭତେ ଜ୍ଞାନମ୍...' । ପିଲାମାନଙ୍କୁ ବାଲ୍ୟତ ବୟସରେ ଗୀତା ପାଠ ହେଉ ବା ଭାଗବତ, ରାମାୟଣ ହେଉ ବା ମହାଭାରତ ପୁରୁଣା କାହାଣୀ ସେମାନଙ୍କ ପରବର୍ତ୍ତୀ ଜୀବନକୁ ଆଧ୍ୟାତ୍ମିକମୟ ନିଶ୍ଚିତ ଭାବେ କରିବ । ପିତାଟି ପାଟିକୁ ଲାଳସା ଦୃଷ୍ଟିରୁ ପିତା ଲାଗୁଥିଲେ ବି କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଯେପରି ଭଲ ସେହିପରି ଜଣେ କେହି ବୁଝୁ ବା ନବୁଝୁ ପଢ଼ିଲେ ବା ଶୁଣିଲେ ତା ଜୀବନ ଧନ୍ୟ ହେବ । ଗୀତାଜ୍ଞାନ ଯଜ୍ଞ ସମସ୍ତଙ୍କୁ ପ୍ରେରଣା ଯୋଗାଉ ଏହା ହିଁ କାମନା ।

**ତରତରରେ ଖାଦ୍ୟ ଖାଇବା ଏକ ସାଧାରଣ ଅଭ୍ୟାସ । ଆପଣ ଜାଣନ୍ତି କି ତରତରରେ ଖାଦ୍ୟ ଖାଇଲେ ଶରୀରର କି ପ୍ରକାର କ୍ଷତି ହୋଇଥାଏ ? ଖାଦ୍ୟ ଓ ପୁଷ୍ଟି ବିଶେଷଜ୍ଞଙ୍କ କହିବା ଅନୁସାରେ ତରବରିଆ ଭାବେ ଖାଦ୍ୟ ଖାଇଲେ ତାହା ସହଜରେ ତ ହଜମ ହୁଏନାହିଁ, ଏହା ଅଜୀର୍ଣ୍ଣ ପ୍ରକ୍ରିୟାରେ ଆହୁରି ଅନେକ ରୋଗକୁ ଡାକିଆଣେ । ଖାଦ୍ୟଗ୍ରହଣ ଜନିତ ବ୍ୟତିକ୍ରମ ଅନେକ ବ୍ୟାଧିର କାରଣ । ତେଣୁ ଭୋଜନ ଶିଷ୍ଟାଚାର ଏକାନ୍ତ ଅପରିହାର୍ଯ୍ୟ ।**





# ଭୋଜନ ନୀତି

ଧୀରେ ଧୀରେ ଖାଇବାର ଉପକାରିତା ସମ୍ପର୍କରେ ଯେଉଁ ଗବେଷଣାତ୍ମକ ତଥ୍ୟ ସଦ୍ୟ ମିଳିଛି ତାହା ନିମ୍ନରେ ପ୍ରଦାନ କରାଗଲା । କୌଣସି ସ୍ଥାନରେ ବେଶ ଭଲ ଭାବେ ବସି ସ୍ଥିରଚିତ୍ତରେ ଆନନ୍ଦରେ ଧୀରେ ଧୀରେ ଭୋଜନ କଲେ ଆବଶ୍ୟକତା ଅନୁସାରେ ଖାଇହୁଏ । ତରତର ହୋଇ ଖାଇଲେ ଅଧିକ ଭୋଜନର ସମ୍ଭାବନା ଅଧିକ ଥାଏ । ଖାଦ୍ୟ ଭଲଭାବେ ଚୋବେଇ ଖାଇବା ଦ୍ୱାରା ଏହା ସହଜରେ ହଜମ ହୁଏ ଓ ଏଥିରେ ଥିବା ପୁଷ୍ଟିସାର ସହଜରେ ଶରୀରର ବିଭିନ୍ନ ଅଙ୍ଗକୁ ସମାନୁପାତିକ ଭାବେ ବାଣ୍ଟି ହୋଇଯାଏ । ଆସ୍ତେ ଆସ୍ତେ ଖାଇବାର ଆଉ ଏକ ବଡ଼ଲାଭ ହେଲା ଏହା ଶରୀରର ଅଯଥା ଓଜନ ହ୍ରାସ କରିବାରେ ସହାୟକ ହୁଏ । ଆମ ମସ୍ତିଷ୍କ ଓ ପାକସ୍ଥଳୀ ମଧ୍ୟରେ ଏକ ସଂଯୋଗ ରହିଛି । ପେଟ ପୂରିବାର ପ୍ରାୟ ୨୦ ମିନିଟ୍ ମଧ୍ୟରେ ପାକସ୍ଥଳୀ ମସ୍ତିଷ୍କକୁ ଖବର ଦିଏ ଯେ ଟାଙ୍କି ଭର୍ତ୍ତି ହୋଇଗଲା, ଆଉ ଦରକାର ନାହିଁ । ମାତ୍ର ତରତରରେ ଖାଇବା ଦ୍ୱାରା ପେଟ ଅତିଶୀଘ୍ର ପୂରିଯାଏ ଓ ପାକସ୍ଥଳୀରୁ ମସ୍ତିଷ୍କକୁ ଖବର ଯିବାବେଳକୁ ମଣିଷ ତା'ର ଆବଶ୍ୟକତା ଠାରୁ ବହୁ ଅଧିକ ଖାଦ୍ୟ ଖାଇସାରିଥାଏ । ଆହୁରି ମଧ୍ୟ ହିସାବ କରାଯାଇଛି ଯେ ଧୀରେ ଧୀରେ ଖାଉଥିବା ଲୋକ ତରତରରେ ଖାଉଥିବା ଲୋକଠାରୁ ଗୋଟିଏ ଥର ଭୋଜନରେ ହାରାହାରି ୬୬ରୁ ୭୦ କ୍ୟାଲୋରୀ କମ୍ ଖାଦ୍ୟ ଗ୍ରହଣ କରିଥାଏ । ଫଳରେ ମନ୍ଥର ଗତିରେ ଖାଉଥିବା ବ୍ୟକ୍ତି ବର୍ଷକୁ ୮ରୁ ୧୦ କେଜି ଅଯଥା ଓଜନ ହ୍ରାସ କରିବାର ଲାଭ ପାଆନ୍ତି । ଧୀରେ ଖାଇଲେ ଖାଦ୍ୟର ସ୍ୱାଦ, ବାସ୍ନା, ମାନ ଓ ଚେହେରାକୁ ଭଲ ଭାବେ ଉପଭୋଗ କରିହୁଏ ଯାହା ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ।

ଆହୁରି ମଧ୍ୟ ଭୋକ ନ ଲାଗିଲେ ଖାଆନ୍ତୁ ନାହିଁ । ଖାଇବାବେଳେ ବିଶେଷ କଥାବାର୍ତ୍ତା କରନ୍ତୁ ନାହିଁ କି ଟିଭି ଦେଖନ୍ତୁ ନାହିଁ । ଛିଡ଼ା ହୋଇ କିମ୍ବା କାର ଭିତରେ ବସି ଖାଇବା ଆଦୌ ଠିକ୍ ନୁହେଁ । ଖାଇବା ସମୟରେ ପାଣି ନପିଇ ୨୦ ମିନିଟ ପରେ ପିଅନ୍ତୁ । ଖାଇସାରିବା ପରେ କିଛି ସମୟ ବିଶ୍ରାମ ନିଅନ୍ତୁ, ତେବେ ଆପଣ ସୁସ୍ଥ ରହିବେ । ଆମ ପୂର୍ବଜ ଯାହା କହିଯାଇଥିଲେ ତାହା ଠିକ୍ ବୋଲି ଗବେଷଣା କହୁଛି । ତେଣୁ ପୂର୍ବଜଙ୍କ କଥା ହେଜି ଆସନ୍ତୁ ୩୨ଥର ଖାଦ୍ୟକୁ ଚୋବାଇ ଖାଇବା । ଭୋଜନକୁ ନେଇ ଅନେକଥର ଆମ୍ଭେମାନେ ଦ୍ୱନ୍ଦ୍ୱରେ ପଡ଼ିଥାଉ, ତାହାହେଲା ମନୁଷ୍ୟ ପାଇଁ ଭୋଜନ ନା ଭୋଜନ ପାଇଁ ମନୁଷ୍ୟ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମନୁଷ୍ୟ ପାଇଁ ଭୋଜନ ଠିକ୍, କିନ୍ତୁ ଯେଉଁମାନଙ୍କର ଖାଦ୍ୟ ପ୍ରତି ଲାଳସା ରହିଥାଏ ସେମାନଙ୍କ ଲାଗି ଭୋଜନ ପାଇଁ ମନୁଷ୍ୟ ଧାଡ଼ିଟି ପ୍ରଯୁଜ୍ୟ ହୋଇପାରେ । ଚିକିତ୍ସକମାନେ କୁହନ୍ତି, ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ପରିମାପକର ଖାଦ୍ୟ ଖାଇବା ଦରକାର, କିନ୍ତୁ ସାଧାରଣତଃ ଦେଖାଯାଏ ପାଟିଟକଳାମାନେ ସର୍ବଦା ପାଟିରେ କିଛି ପକାଇବାକୁ ଭଲ ପାଆନ୍ତି, ଯଦ୍ଦ୍ୱାରା ନିର୍ଦ୍ଧାରିତ ସମୟରେ ଭୋକ ଲାଗିନଥାଏ । ଦ୍ୱିତୀୟତଃ ଅହର୍ନିଶ ଖାଇବା ଦ୍ୱାରା ଏହା କିଡ୍ନୀ ଉପରେ ମଧ୍ୟ ଚାପ ପକାଇଥାଏ । ସଦାସର୍ବଦା ସାତ୍ତ୍ୱିକ, ତନ୍ତୁବିହୀନ ଓ ଗରିଷ୍ଠ ନଥିବା ଖାଦ୍ୟକୁ ପ୍ରାଥମିକତା ଦେବା ଜରୁରୀ । ଖାଇବା ପୂର୍ବରୁ ପରିଷ୍କାର ଭାବରେ ହାତ ଧୋଇବା ସହ ପାଟି ସଫା କରିବା ସ୍ୱାସ୍ଥ୍ୟ ପାଇଁ ଭଲ । ଦିନରେ ଦୁଇଥର ଦାନ୍ତ ଘଷିବା ମଧ୍ୟ ଖୁବ୍ ଭଲ ଅଭ୍ୟାସ । ଭୋଜନରେ ନିରାମିଷ ଓ ଆମିଷକୁ ନେଇ ଅନେକଙ୍କ ଭିତରେ ବିତର୍କ ସୃଷ୍ଟି ହୋଇଥାଏ । ତେବେ ଆମିଷ ଖାଇଲେ ମନା ନାହିଁ, କିନ୍ତୁ ମଣିଷକୁ ଆମିଷ ନଖାଉ ।

ଭୋଜନ ନୀତି ନେଇ ଚାଣକ୍ୟଙ୍କ ଠାରୁ ବିଭିନ୍ନ ଶାସ୍ତ୍ରରେ ଭିନ୍ନ ଭିନ୍ନ ଉପଦେଶାବଳୀ ରହିଛି । କିନ୍ତୁ ତାକୁ କେତେଜଣ ବା ମାନୁଛନ୍ତି ? ଖାଇବା ପୂର୍ବରୁ ଖାଦ୍ୟକୁ ଭଗବାନଙ୍କୁ ସମର୍ପଣ କରି ଖାଦ୍ୟ ଗ୍ରହଣ ପୂର୍ବରୁ ଉପନିଷଦର ପ୍ରାର୍ଥନାଟି କରିବା ବହୁତ ଭଲ ଅଭ୍ୟାସ । ତାହା ହେଉଛି – 'ବ୍ରହ୍ମାର୍ପଣଂ ବ୍ରହ୍ମହବିଃ ବ୍ରହ୍ମାଗ୍ନୌ ବ୍ରହ୍ମଣାହୁତମ୍, ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା । ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ, ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।' ମଣିଷ ସମାଜ ପାଇଁ ଭୋଜନ ନୀତି ସାତ୍ତ୍ୱିକ ଚିନ୍ତାଧାରାର ହେଉ ଏବଂ ଏହି ସାତ୍ତ୍ୱିକ୍ ଭୋଜନ ସତ୍‌ଚିନ୍ତା ଓ ସତ୍‌କର୍ମ ପାଇଁ ପ୍ରେରଣା ସୃଷ୍ଟି କରୁ ।





# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୦ ଜାନୁଆରୀ ୨୦୨୬ । ମଙ୍ଗଳବାର


## ଗାଁରେ ଖଣ୍ଡା ଦେଖାଇ ଆତଙ୍କ: ଅଭିଯୁକ୍ତ ଗିରଫ

**କଳିଙ୍ଗନଗର, ୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଥାନା ଅନ୍ତର୍ଗତ ବାଉଁଶନାଳୀ ଗାଁରେ ତଲୱାର ଦେଖାଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବା ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ କିସାନ ମାରାଣ୍ଡି (୪୫), ପିତା ଦୁର୍ଗା ମାରାଣ୍ଡି, ଗ୍ରାମ ବାଉଁଶନାଳୀ, ଥାନା କଳିଙ୍ଗନଗର, ଯାଜପୁର ଜିଲ୍ଲାର ଅଟେ । ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଖଣ୍ଡା ଦେଖାଇ ଲୋକମାନଙ୍କୁ ଭୟଭୀତ କରୁଥିବା ସମୟରେ ସୂଚନା ପାଇ କଳିଙ୍ଗନଗର ପୋଲିସ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ ଧରିଥିଲା । ଏହି ଘଟଣାରେ କଳିଙ୍ଗନଗର ଥାନା କେସ ନମ୍ବର ୧୨/୨୦୨୬ ଧାରା ୨୭(୧) ଆର୍ମସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ନମ୍ବର ଓଡି ୦୯ ଏ ୯୬୯୧ ଓ ପ୍ରାୟ ୩ ଫୁଟ୍ ଲମ୍ବା ଗୋଟିଏ ତଲୱାର ଜବତ କରିଛି । ଏହି ଗାଡ଼ି ମାଧ୍ୟମରେ ଅଭିଯୁକ୍ତ ଗାଁ ମଧ୍ୟରେ ଘୁରି ଆତଙ୍କ ସୃଷ୍ଟି କରୁଥିବା ବୋଲି ପୋଲିସ ସୂଚନା ଦେଇଛି । ଗିରଫ ପରେ ଅଭିଯୁକ୍ତକୁ ଯାଜପୁର ରୋଡ୍ ଥିବା ମାନ୍ୟବର ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ୍ ନ୍ୟାୟାଳୟରେ ଉପସ୍ଥାପନ କରାଯାଇଛି ।

## ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣି

**ଖଲ୍ଲିକୋଟ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏହି ମାସର ତୃତୀୟ ସୋମବାର ଖଲ୍ଲିକୋଟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଆୟୋଜନ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣି ଖଲ୍ଲିକୋଟ ବ୍ଲକ ଆୟୋଜନ ଓ ପରିଚାଳନା କରିବା ପାଇଁ ଦାୟିତ୍ୱ ନେଇଥିଲେ। ଉକ୍ତ କଲ୍ୟାଣ ମଣ୍ଡପ ପଡିଆରେ ବିଭାଗର ରେଜିଷ୍ଟ୍ରେନ କରିବା ପାଇଁ ୧୨ଟି କାଉଣ୍ଟର ଖୋଲା ଯାଇଥିଲା । ଖଲ୍ଲିକୋଟ ବ୍ଲକର ଆବାସ ଯୋଜନାରେ ଘର, ଭତ୍ତା, ରେସନ କାର୍ଡ, ଉପରେ ବହୁତ ଅଭିଯୋଗ ଆସିଥିଲା। ତହସିଲ, ଜଙ୍ଗଲ, କୃଷି, ଶିଶୁବିକାଶ ପଶୁସହାୟକ ଓ ଅନ୍ୟାନ୍ୟ ଲାଇନ ବିଭାଗର ନିର୍ବାହୀ ଅଧିଆରୀମାନେ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ମୋଟ ୩୧୨ଟି ଅଭିଯୋଗ ଆସିଥିଲା, ଜିଲ୍ଲାପାଳ ସବୁ ଅଭିଯୋଗ ଗୁଡିକୁ ସାତ ଦିନ ଭିତରେ ସମାଧାନ କରିବାପାଇଁ ଉକ୍ତ ବିଭାଗମାନଙ୍କୁ ପଠାଇ ଦେବାର ଜିଲ୍ଲାପାଳ ସୂଚନା ଦେଲେ। ମୋରମ, ବାଲି, ପଥର ଓ ଇଟା ଭାଟି ଚୋରାଚାଲାଣ ରୋକିବା ପାଇଁ ଖଣି ଓ ରଜସ୍ୱ ବିଭାଗ ଅଫିସରଙ୍କୁ ନେଇ ଏକ ସ୍କ୍ୱାଡ ଗଠନ ହୋଇଥିବାର ଜିଲ୍ଲାପାଳ ସୂଚନା ଦେଲେ। ଦୀର୍ଘ ୧୫ବର୍ଷ ହେଲା କୃଷ୍ଣ ପଣ୍ଡା ନାମକ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁପର ବିଡ଼ିଓ କାର୍ଯ୍ୟ କରୁଛନ୍ତି ବୋଲି କହି ଆମ୍ଭ ଖଲ୍ଲିକୋଟ ଓଡିଶା ଏକ୍ସପ୍ରେସ ପ୍ରତିନିଧି ସୂଚନା ତଥ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କଲେ, ଜିଲ୍ଲାପାଳ ବୁଝିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଥାନା ଅଧିକାରୀଙ୍କ ଅଦଳବଦଳ

**କେନ୍ଦ୍ରାପଡ଼ା,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀଙ୍କ ମଧ୍ୟରେ ଏକ ଛୋଟ ଅଦଳବଦଳ କରାଯାଇଛି। ଟାଉନ ଥାନା ଅଧିକାରୀ ଥିବା ଇନ୍‌ସପେକ୍ଟର ଦିଲ୍ଲୀପ କୁମାର ସାହୁଙ୍କୁ ଜିଲ୍ଲା ପୋଲିସ ହେଡ଼୍ କ୍ୱାଟର୍ସକୁ ନିଆଯାଇ ତାଙ୍କ ସ୍ଥାନରେ ସଦର ଥାନା ଅଧିକାରୀ ଥିବା ଇନ୍‌ସପେକ୍ଟର ଶୁଭେନ୍ଦୁ କୁମାର ସାହୁଙ୍କୁ ଟାଉନଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ନିକିରାଇ ଥାନା ଅଧିକାରୀ ଥିବା ଇନ୍‌ସପେକ୍ଟର ପଦ୍ମାଳୟା ପ୍ରଧାନଙ୍କୁ ସଦର ଥାନା ଅଧିକାରୀ ଭାବେ ବଦଳି କରାଯାଇଛି । ତାଳଚୂଆ ସାମୁଦ୍ରିକ ଥାନା ଅଧିକାରୀ ଥିବା ଇନ୍‌ସପେକ୍ଟର ବିମଳ କୁମାର ମଲିକଙ୍କୁ ନିକିରାଇ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ଜିଲ୍ଲା ପୋଲିସ ହେଡ଼୍ କ୍ୱାଟର୍ସରେ ଥିବା ଇନ୍‌ସପେକ୍ଟର ସଂଧ୍ୟାରାଣୀ ଜେନାଙ୍କୁ ତାଳଚୂଆ ସାମୁଦ୍ରିକ ଥାନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି ।

## ଦିଲ୍ଲୀପ ପ୍ରଧାନ ନଗର କଂଗ୍ରେସ ସଭାପତି

**କେନ୍ଦ୍ରାପଡ଼ା,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ନଗର କଂଗ୍ରେସର ସଭାପତି ଭାବେ ଦିଲ୍ଲୀପ ପ୍ରଧାନ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ଏ ନେଇ ପିସିସି ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଦିଲ୍ଲୀପଙ୍କ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡା ନଗର ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା, ଏଲଡିଏମର ରାଜ୍ୟ ସଂଯୋଜକ ଆଶିଷ ଲେଙ୍କା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପୂର୍ବତନ ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି। କେନ୍ଦ୍ରାପଡା ପୌରାଞ୍ଚଳରେ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ ସବୁବର୍ଗର ଲୋକମାନଙ୍କ ନିକଟରେ ପହଞ୍ଚି ସଂଗଠିତ କରିବେ ବୋଲି ଦିଲ୍ଲୀପ ପ୍ରଧାନ କହିଛନ୍ତି। ଏଥିସହିତ କେନ୍ଦ୍ରାପଡ଼ା ସହରରେ କଂଗ୍ରେସ ଦଳକୁ ମଜବୁତ କରିବା ଓ ସହରର ଉନ୍ନତି ପାଇଁ ସଂଗ୍ରାମ କରିବି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଭିତରକନିକା ଓ ରାଜନଗରରେ ପକ୍ଷୀ ଗଣନା

**ରାଜନଗର,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭିତରକନିକା ଜାତୀୟ ଉଦ୍ୟାନ ସହ ରାଜନଗର ବନଖଣ୍ଡର ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ବିଦେଶାଗତ ପକ୍ଷୀମାନଙ୍କ ଗଣନା ନିମନ୍ତେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ବନଖଣ୍ଡ ଅଧିକାରୀ ଭାରଦରାଜ ଗାଓଁକର, ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ଡଃ ଶିବ ପ୍ରସାଦ ପରିଡା, ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କ ସହ ରେଞ୍ଜ ଅଫିସର, ଫରେଷ୍ଟର ଓ ବନକର୍ମଚାରୀମାନେ ସାମିଲ ହୋଇଛନ୍ତି। ଗଣନା କାର୍ଯ୍ୟରେ ରାଜନଗର ବନଖଣ୍ଡ ଅଧୀନରେ ୧୮ଟି ଟିମ୍ ଗଠନ କରାଯାଇଛି।

## ରାଜନଗର ପଞ୍ଚାୟତ କୃଷକ ମଞ୍ଚ

**ରାଜନଗର,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମା ରାଜନଗର ଗ୍ରାମ ପଞ୍ଚାୟତ ସଭାଗୃହ ପରିସରରେ ରାଜନଗର ପଞ୍ଚୟତ କୃଷକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ହରେକୃଷ୍ଣ ମିଶ୍ରଙ୍କ ପୌରହିତରେ ଅନୁଷ୍ଠିତ ବୈଠକରେ ପଞ୍ଚୟତ ଚାଷୀ ଭାଇମାନେ ଯୋଗଦେଇ ଚାଷ ସମୟରେ ସେମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀମାନଙ୍କ ମୁଖ୍ୟ ସମସ୍ୟା ଗୁଡିକ ହେଲା ଷଣ୍ଢମାନଙ୍କ ପଦୁର୍ଭାବ, ପଞ୍ଚୟତରେ ଥିବା ବିଭିନ୍ନ କେନାଲର ପୁନରୁଦ୍ଧାର, ଚାଷୀମାନଙ୍କ ଜଳସେଚନ ସୁବିଧା, ସରକାରଙ୍କ ପକ୍ଷରୁ ରିହାତି ଦରରେ ସାର, ବିହନ, ଔଷଧ ଯୋଗାଣ ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ। ତୁରନ୍ତ ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବରିଷ୍ଠ ଚାଷୀ ଅରକ୍ଷିତ ପ୍ରଧାନ, ପିତାମ୍ବର ଲେଙ୍କା, କିଶୋର ରାଉତରାୟ, ପରମେଶ୍ୱର ପ୍ରଧାନ, ନିରଂଜନ ଦାସ, ନିରଂଜନ ପରିଡା, ବିଜୟ ସେଠୀ, ଉମେଶ ଦାସ, ବାସୁଦେବ ସାହୁ, ବୁଦ୍ଧି ରାମ ସେଠୀ, ବିଷ୍ଣୁ ସାହୁ, ଗଙ୍ଗାଧର ନାୟକ, ନରେଶ ନାୟକ, ଅଲେଖ ସାହୁ, ନୃସିଂହ ଚରଣ ସାହୁ ପ୍ରଭୃତି ଚାଷୀ ଯୋଗ ଦେଇଥିଲେ।

## ସ୍କୁଲରେ ମାରପିଟ ଘଟଣା, ୨ ଶିକ୍ଷୟିତ୍ରୀ ନିଲମ୍ବିତ

**ସମ୍ବଲପୁର,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବୁର୍ଲା କିର୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗତ ୧୫ତାରିଖରେ ସଂଘଟିତ ରକ୍ତାକ୍ତ ସଂଘର୍ଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଦ୍ୱୟ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋଇଥିବା ଶିକ୍ଷୟିତ୍ରୀ ଦ୍ୱୟ ହେଲେ ଉକ୍ତ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସର୍ମିଷ୍ଠା ପଲେଇ ଓ କସ୍ତୁରୀ ଜେନା। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା ସୋମବାର ଉଭୟଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ନିଲମ୍ବିତ ଅବଧିରେ ଶିକ୍ଷୟିତ୍ରୀ ସର୍ମିଷ୍ଠା ପଲେଇଙ୍କୁ କୁଦ-ଅମଲିପାଲି ଓ କସ୍ତୁରୀ ଜେନାଙ୍କୁ ପାଣ୍ଡିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇ ବିନା ଅନୁମତିରେ ହେଡକ୍ୱାଟର ନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି।


ସୂଚନା ଯୋଗ୍ୟ ଯେ, ବିଦ୍ୟାଳୟରେ ଶୌଚାଳୟ ସଫେଇ କାର୍ଯ୍ୟକୁ ନେଇ ଉଭୟ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ପରବର୍ତ୍ତି କାଳରେ ଉଗ୍ର ରୂପ ଧାରଣ କରି ମାରପିଟରେ ରୂପାନ୍ତରିତ ହୋଇଥିଲା। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଶିକ୍ଷୟିତ୍ରୀ ଦ୍ୱୟଙ୍କ ଏଭଳି ମାଡ଼ପିଟକୁ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରାଯାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ସ୍ଥାନୀୟ ବାସିନ୍ଦା ଧନକଉଡ଼ା ବିଇଓଙ୍କ ନିକଟେ ମଧ୍ୟ ଉଭୟ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହାପରେ ସୋମବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## କେନାଲରୁ ଶିଶୁପୁତ୍ରର ମୃତଦେହ ଉଦ୍ଧାର

**ବରଗଡ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ ସଦର ଥାନା ଅନ୍ତର୍ଗତ ସର୍ଦ୍ଧା ପଡିଆ ପାଖ ଦେଇ ଯାଇଥିବା କେନାଲରୁ ରବିବାର ଜଣେ ଶିଶୁପୁତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଶିଶୁ ଜଣକ ହେଲେ, ସର୍ଦ୍ଧା କେନାଲ ପଡାର ଡାକ୍ତର ବରିହାଙ୍କ ପୁଅ ଅଜିତ ବରିହା (୨)। ଘରର ଅନତିଦୂରରେ କେନାଲ ରହିଥିବା ବେଳେ ସେ କୌଣସି କ୍ରମେ କେନାଲକୁ ଯାଇ ସେଠାରେ ଭାସି ଯାଇଥିବା ଅନୁମାନ କରାଯାଉଛି। ଦିନ ପ୍ରାୟ ୨ଟାରେ କେନାଲରୁ ଶିଶୁପୁତ୍ରକୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇ ବରଗଡ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

## ବୁଗୁଡ଼ା ବନାଞ୍ଚଳରେ ପକ୍ଷୀ ଗଣନା



**ବୁଗୁଡ଼ା,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବନ ବିଭାଗ ପକ୍ଷରୁ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଳାଶୟ ତଥା ଆର୍ଦ୍ରଭୂମି ସ୍ଥଳରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଗଣନା କାର୍ଯ୍ୟକ୍ରମ ନିମନ୍ତେ ବାରଟି ଦଳ ଗଠିତ ହୋଇଥିଲା ବେଳେ ପ୍ରତ୍ୟେକ ଦଳରେ ଚାରି ଜଣ ଲେଖାଏଁ ରହିଥିଲେ। ଏହି ୧୨ଟି ଦଳ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଘୁଆ ଜଳଭଣ୍ଡାର, ଚିଲିଖମା, ବାଲପଦର, ଛାମୁଣ୍ଡା, ମାଣତରା, ଜଲବା, ଇନ୍ଦ୍ରଗଡ ଆଦି ଗ୍ରାମାଞ୍ଚଳର ଆଦ୍ରର୍ଭୁମି ସ୍ଥାନମାନଙ୍କରେ ପକ୍ଷୀ ଗଣନା କରିଥିଲେ। ବନପାଳ, ବନରକ୍ଷୀ ଓ ସ୍କାର୍ଡ କର୍ମଚାରୀଙ୍କୁ ନେଇ ଗଠିତ ପକ୍ଷୀ ଗଣନାକାରୀ ଦଳଗୁଡିକ ସକାଳ ଛଅଟାରୁ ଏଗାରଟା ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲିଥିଲା ବେଳେ ଦେଶୀୟ ପକ୍ଷୀ ସାଙ୍ଗକୁ ବିଦେଶୀ ପକ୍ଷୀ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଗତ ବର୍ଷ ତୁଳନାରେ ଏ ବର୍ଷ ପକ୍ଷୀ ସଂଖ୍ୟାରେ ବୃଦ୍ଧି ଘଟିଥିବା ନେଇ ବନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

## ବିକାଶ ପରିଷଦର ନୂଆ କର୍ମକର୍ତ୍ତା


**ଗୋପ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାରର ଗୋପ ବ୍ଲକ ସ୍ଥିତ ବାବା ଆଖଣ୍ଡଳଶ୍ୱର ମହାଦେବଙ୍କ ପୀଠରେ ରବିବାର ପୂର୍ବାହ୍ନରେ ଗୋପ ବିକାଶ ପରିଷଦର କର୍ମକର୍ତ୍ତା ଚୟନ ସାଙ୍ଗକୁ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପ ବିକାଶ ପରିଷଦର ସଭାପତି ସ୍ୱର୍ଗତ ସତ୍ୟପ୍ରିୟ ନାୟକଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଶିକ୍ଷାବିତ୍ ରବିନ୍ଦ୍ରନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିକାଶ ପରିଷଦ ପକ୍ଷରୁ ପୂର୍ବରୁ ସବୁ କ'ଣ କ'ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆଗକୁ ଅନେକ କାର୍ଯ୍ୟକ୍ରମ ସମ୍ପର୍କରେ କଣ କରାଯିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଅବଗତ କରାଯିବ। ଯଥା ବୁଲା ଷଣ୍ଢ ଓ ଗାଈଗୋରୁଙ୍କ ଦ୍ୱାରା କୃଷକଙ୍କ ଉତ୍ପାଦିତ ଫସଲର ସୁରକ୍ଷା ନିମନ୍ତେ ଗୋଶାଳା ନିର୍ମାଣ, ଧନୁଆଁ ବନ୍ୟାର ସ୍ଥାୟୀ ପ୍ରତିକାର, କଲ୍ୟାଣ ମଣ୍ଡପ ନିର୍ମାଣ, ଚାଷୀଙ୍କ ଉତ୍ପାଦିତ ଫସଲର ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଗୋଷ୍ଠୀ ଶୌଚାଳୟ ନିର୍ମାଣ, ଗୋପ ବଜାରକୁ ୨୪ ଘଣ୍ଟିଆ ପାନୀୟଜଳ ଓ ବିଜୁଳି ଯୋଗାଣ, ଗ୍ରାମାଞ୍ଚଳରେ ନିରବଛିନ୍ନ ଆଲୋକୀକରଣ ବ୍ୟବସ୍ଥା, ଗୋପ ଥାନାରେ ପୁଲିସ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ସହ ଥାନା ଗୃହକୁ ନବୀକରଣ କରିବା, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ସହ ଗୋପର ସାମଗ୍ରିକ ବିକାଶ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଗୋପ ବ୍ଲକର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ, ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ, ପୁରୀ ଜିଲାପାଳ, ଏସ୍‌ପି, ଗୋପ ବିଡିଓ ଓ ତହସିଲଦାର ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗୋପ ବିକାଶ ପରିଷଦର ନୂତନ ସଭାପତି ଭାବେ ନରେନ୍ଦ୍ର ଦାଶ, ଉପସଭାପତି ସୁକାନ୍ତ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ସଂପାଦକ ବ୍ରହ୍ମାନନ୍ଦ ସାହୁ, ସହସଂପାଦକ ସଚ୍ଚିଦାନନ୍ଦ ଗୋଛାୟତ ଓ କବିବର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀଧର ସେନାପତିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। କାର୍ଯ୍ୟନିର୍ବାହୀ କମିଟିରେ ୧୪ଜଣ ଙ୍କୁ ନିଆଯାଇଛି ପରବର୍ତ୍ତୀ ସମୟରେ ଆହୁରି ଅଧିକ ସଦସ୍ୟ ଓ ସଦସ୍ୟାଙ୍କୁ ସାମିଲ କରାଯିବ ବୋଲି ପ୍ରସ୍ତାବରେ ଆଗତ ହୋଇଥିଲା। ଆସନ୍ତା ଶନିବାର ଦିନ ଆହୁରି ଏକ ପୂର୍ଣ୍ଣାଙ୍ଗ ବୈଠକର ଆୟୋଜନ କରାଯାଉଛି। ଯେଉଁଥିରେ ଗୋପ ବ୍ଲକର ବରିଷ୍ଠ ଓ ପ୍ରତିଷ୍ଠିତ ଏବଂ ଶ୍ରେଷ୍ଠ ବ୍ୟକ୍ତି ବିଶେଷ ଆମନ୍ତ୍ରଣ କରାଯାଉଛି ବୋଲି ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଦାଶ ସ୍ପଷ୍ଟ କରିଛନ୍ତି।

## ୧୦ ମାସ ଶିଶୁ ଶ୍ୱାସନଳୀରୁ ବାହାରିଲା ଏଲ୍‌ଇଡି

**ଭୁବନେଶ୍ୱର,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏଲ୍‌ଇଡ଼ି ଧାତବ ଖେଳନାରେ ଖେଳୁଥିଲା ୧୦ ମାସର ଶିଶୁ। ଭୁଲ ବଶତଃ ଅଜାଣତରେ ନାକରେ ପଶିଯାଇଥିଲା ଏହି ଧାତବ ପଦାର୍ଥ। ଫଳରେ ଶିଶୁଟିକୁ ଶ୍ୱାସକ୍ରିୟା ନେବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି ଜରୁରୀକାଳୀନ ପରିସ୍ଥିତିରେ ଶିଶୁକୁ କିମ୍ସରେ ଭର୍ତ୍ତି କରାଯାଇଥିଲା। ଏଲ୍‌ଇଡି ଧାତବ ଖେଳଣାଟି ତୀକ୍ଷ୍ଣ ଧାରଯୁକ୍ତ ହୋଇଥିବାରୁ ଆଭ୍ୟନ୍ତରିଣ ଆଘାତଜନିତ କ୍ଷତର ବିପଦ ସୃଷ୍ଟି କରିଥିଲା।



କିମ୍ସରେ ପହଞ୍ଚିବା ପରେ ଡାକ୍ତରମାନେ ଶିଶୁଟିର ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। କିମ୍ସର ବିଶିଷ୍ଟ ପଲମୋନୋଲୋଜିଷ୍ଟ ଡା ଦେବାଶିଷ ବେହେରା ଉନ୍ନତ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ବ୍ୟବହାର କରି ସଫଳତାର ସହ ଶିଶୁର ଶ୍ୱାସନଳୀରୁ ଧାତବ ଏଲ୍‌ଇଡି ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥିଲେ। ଏଥିରେ ତାଙ୍କୁ ସହଯୋଗ କରିଥିଲେ ଡା ଅମିତ ପ୍ରଧାନ ଓ ତାଙ୍କ ଆନାସ୍ଥେସିଆ ଦଳ। କିମ୍ସର ଇଣ୍ଟେନ୍‌ସିଭିଷ୍ଟ ଡା ବନ୍ଧ୍ୟା ସାହୁ, ଡା ରେଶମି ମିଶ୍ର ଓ ଡା ମୁକେଶ କୁମାର ଜୈନଙ୍କ ମିଳିତ ଉଦ୍ୟମରେ ଶିଶୁଟିର ସମ୍ପୂର୍ଣ୍ଣ ଚିକିତ୍ସା କରାଯାଇଥିଲା। ଏହା ଶିଶୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ବ୍ରୋଙ୍କୋସ୍କୋପିକ୍ ପ୍ରୟୋଗ ଓ ନିରବଛିନ୍ନ ସହଯୋଗର ଗୁରୁତ୍ୱକୁ ସୂଚାଇଥାଏ। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଦେଇଛନ୍ତି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବ

**କଳିଙ୍ଗନଗର,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଲକ୍ଷ୍ମୀନଗର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବିଂଶତମ ବାର୍ଷିକ ଉତ୍ସବ 'କନଫ୍ଲୁଏନ୍ସ' ଜାଭିୟର୍ସ କଲେଜ ପ୍ରାଙ୍ଗଣରେ ଭବ୍ୟ ଓ ଉଲ୍ଲାସପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ସେଠଙ୍କ ଅଧ୍ୟକ୍ଷତାରେ ଯୋଗଦେଇ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଓଡ଼ିଆର ବିଶିଷ୍ଟ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଯୋଗଦେଇ ଉତ୍ସବର ମହତ୍ତ୍ୱକୁ ବହୁଗୁଣିତ କରିଥିଲେ। ଶ୍ରୀ ଯୋଶୀ ମଞ୍ଚରେ ଛାତ୍ରଛାତ୍ରୀଙ୍କ ସହ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମତୁଆଲା କରିଥିଲେ। ଦର୍ଶକମାନେ ନିଜ ନିଜ ସ୍ଥାନରୁ ମୋବାଇଲ ଲାଇଟ ସହ ନୃତ୍ୟ କରି ସମଗ୍ର ପରିବେଶକୁ ଆନନ୍ଦ ଓ ଉଲ୍ଲାସରେ ଭରିଦେଇଥିଲେ। ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଉଚ୍ଚକୋଟୀର ସାଂସ୍କୃତିକ ପରିବେଷଣ ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

## ଅବ୍ୟାହତ ଜାତୀୟ ସେବା ଯୋଜନା

**ଢେଙ୍କାନାଳ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ସଂପାଦିତ ହେଲା ଜାତୀୟ ସେବା ଯୋଜନାର ତୃତୀୟ ଦିବସ। ରବିବାର ୮ଘଟିକା ମଧ୍ୟରେ ପ୍ରଭାତ ପ୍ରାର୍ଥନା ସମେତ ଶାରିରିକ ଶିକ୍ଷା ଗ୍ରହଣ କଲେ ସ୍ୱେଚ୍ଛାସେବୀ ଛାତ୍ରୀ। ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ ଛାତ୍ରୀନିବାସର ପରିସରକୁ ସଫା କଲେ ସ୍ୱେଚ୍ଛାସେବୀକା। ତତ୍ପରେ ନିକଟସ୍ଥ ସିଭିଲ କୋର୍ଟ ପର୍ଯ୍ୟନ୍ତ ସଡକ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଥିଲା। ଦିବା ୧୧ଘଟିକାରେ ସଂସ୍କୃତ ବିଭାଗର ମୁଖ୍ୟ ଉଦ୍ଧବ ମଲ୍ଲିକ 'ଧର୍ମ ଓ ଭକ୍ତି'ର ସାରାଂଶ ସଂପର୍କରେ ଆଲୋକପାତ କରିଥିଲେ। ଆଲୋଚିତ ଆଧ୍ୟାତ୍ମିକ ପ୍ରସଙ୍ଗ ନୈତିକ ଶିକ୍ଷା ପ୍ରଦାନ କରିବା ସମେତ ଛାତ୍ରୀଙ୍କୁ ଭାବବିହ୍ୱଳ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମନୋବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. ପଙ୍କଜ ବାରିକ ଏଡସ ରୋଗର ନିରାକରଣ ଓ ସଚେତନତା ସଂପର୍କିତ ବିବରଣୀ ଦେଇଥିଲେ। 'ରୋଗକୁ ଘୃଣା କର, ରୋଗୀକୁ ନୁହେଁ','ଜ୍ଞାନ ବାଣ୍ଟ, ଭାଇରସ ନୁହେଁ' ଆଦି ପ୍ରେରଣାଦାୟକ ଉକ୍ତି ସ୍ୱେଚ୍ଛାସେବୀକାମାନଙ୍କୁ ସୁଦୃଢ଼ କରିଥିଲା।

## ବୌଦ୍ଧରେ ବଦଳି ଓ ବଦଳି ବାତିଲ ଅନ୍ତରାଳେ...

**ବୌଦ୍ଧ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ଯେଉଁ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ଅଛି ତାହା ମଧ୍ୟରୁ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ୟତମ। ୨୦୨୩ ମସିହାରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବ୍ୟାଙ୍କ ପରିଚାଳନା ପରିଷଦ ପାଇଁ ନିର୍ବାଚନ କରାଯାଇ ଏକ ପରିଚାଳନା ପରିଷଦ ଗଠନ କରାଯାଇ ସେମାନଙ୍କ ମଧ୍ୟରୁ ଜଣେ ସଭାପତି ଓ ଅନ୍ୟ ଜଣେ ଉପ-ସଭାପତି ନିର୍ବାଚିତ ହୋଇଥିଲେ। ମାତ୍ର ନିର୍ବାଚନର କିଛିଦିନ ପରେ ଓଡ଼ିଶା ସମବାୟ ଆଇନକୁ ପଦାଘାତ କରି ପରିଚାଳନା ପରିଷଦ କାର୍ଯ୍ୟ କରିଚାଲିଲେ। ସଭାପତି ଭାବେ ନିର୍ବାଚିତ ହୋଇଥିବା ଅରୁଣ କୁମାର ପ୍ରଧାନ ବ୍ୟାଙ୍କର ନୀତି ନିୟମ ନମାନି ଏହା ଏକ ଥଇଥାନ କେନ୍ଦ୍ର ଭାବି ନିଜ ମନକୁ ସୁହାଇଲା ଭଳି କାର୍ଯ୍ୟ କରିଚାଲିଛନ୍ତି । କିଛି ସୀମିତ କର୍ମଚାରୀଙ୍କୁ ହାତବାରିସି କରି ସେମାନଙ୍କୁ ପ୍ରମୋଶନ ଦେବା, ଭଲ ସିଟ୍‌ରେ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବା ଏବଂ ବିଭିନ୍ନ ବେଆଇନ୍ କାର୍ଯ୍ୟ ସେମାନଙ୍କ ଦ୍ୱାରା କରାଇ ନିଜେ ଲାଭବାନ୍ ହେବା ପରିପ୍ରେକ୍ଷୀରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଉପରେ ଚାପସୃଷ୍ଟି କରି ଚାଲିଛନ୍ତି । ପରିଚାଳନା ପରିଷଦର ସଭାପତି ଭାବେ ସେ ସମସ୍ତ କ୍ଷମତାର ଅଧିକାରୀ ବୋଲି କର୍ମଚାରୀମାନଙ୍କୁ କହି ତାଙ୍କ କଥାରେ କାର୍ଯ୍ୟ କରିବା ପାଇଁ ବାଧ କରୁଥିଲେ ମଧ୍ୟ କିଛି କର୍ମଚାରୀଙ୍କ ବ୍ୟତୀତ ମୁଖ୍ୟ କାର୍ଯ୍ୟନିର୍ବାହୀ ନିୟମ ଓ ଆଇନ୍‌କୁ ସମ୍ମାନ ଦେଇ କାର୍ଯ୍ୟ କରିଚାଲିଛନ୍ତି। ସଭାପତି କୌଣସି ଶାଖାକୁ ମାସିକ ପରିଭ୍ରମଣରେ ନଯାଇ ଅଗ୍ରୀମ ଟୁର୍ ପ୍ରୋଗ୍ରାମ୍ ଦେଖାଇ ମାସକୁ ପ୍ରାୟ ୨୫ ଦିନର ବିଲ୍ ନେଉଛନ୍ତି। ଏ ବିଷୟରେ କାର୍ଯ୍ୟନିର୍ବାହୀ ତାଙ୍କୁ ବାରମ୍ବାର ନୀତି ନିୟମରେ କାର୍ଯ୍ୟ କରିବାପାଇଁ ଅନୁରୋଧ କରୁଥିଲେ ମଧ୍ୟ ସେ ଜୋର ଜବରଦସ୍ତ ତାଙ୍କୁ ଧମକାଇ କାର୍ଯ୍ୟ ହାସଲ କରିଚାଲିଛନ୍ତି। ନିଜ ସମ୍ପର୍କୀୟଙ୍କ ଏକ କାର୍‌କୁ ଭଡ଼ା ସୂତ୍ରରେ ନେଇ ବ୍ୟାଙ୍କରୁ ମାସିକ ଭଡ଼ା ନେଉଛନ୍ତି। କୌଣସି ଶାଖାକୁ ନଯାଇ ଲଜିଂ ବିଲ୍ ମଧ୍ୟ ଦେଇ ଅର୍ଥ ନେଉଛନ୍ତି। ରାଜ୍ୟ ସମବାୟ ନିବନ୍ଧକଙ୍କ ବିନା ମଞ୍ଜୁରିରେ ବୈଠକ ପ୍ରତି ସିଟିଂ ଫିସ୍ ୫୦୦୦ ଟଙ୍କା ନେଉଛନ୍ତି। କିଛି ବ୍ୟାଙ୍କ କର୍ମଚାରୀଙ୍କୁ ବଦଳି କରାଇଦେବା ଧମକ ଦେଇ ସେମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ଏହାର ଉଦାହରଣ ସ୍ୱରୂପ ଜଣେ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଇ ୟୁ.ପି.ଆଇ ଦ୍ୱାରା ତାଙ୍କ ଆକାଉଣ୍ଟ୍ ମାଧ୍ୟମରେ ୭୦,୦୦୦ ଟଙ୍କା ନେଇ ଟ୍ରାନ୍ସଫର କ୍ୟାନ୍ସଲ୍ କରାଇଛନ୍ତି । ଗୋଟିଏ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭାବେ ସମିତି ଏବଂ ଅନ୍ୟ ସଭ୍ୟମାନଙ୍କୁ ନ୍ୟାୟ ସଙ୍ଗତ ସେବା ଯୋଗାଇବା ପାଇଁ ନିର୍ବାଚିତ ହୋଇଥିଲେ ମଧ୍ୟ ଏହା କି ପ୍ରକାର କାର୍ଯ୍ୟ ତାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ୟାଙ୍କର ଜଣେ ବରିଷ୍ଠ କର୍ମଚାରୀ ବେଆଇନ୍ ଭାବେ ନିଯୁକ୍ତି ପାଇଥିଲେ ମଧ୍ୟ ତାଙ୍କୁ ହାତବାରିସି କରି ଏବଂ ଭବିଷ୍ୟତରେ ମୁଖ୍ୟ କାର୍ଯ୍ୟନିର୍ବାହୀ କରାଇବା ପାଇଁ ପ୍ରତିଶ୍ରୁତି ଦେଇ ତାଙ୍କ ଦ୍ୱାରା ବେଆଇନ୍ କାର୍ଯ୍ୟ ହାସଲ କରିଚାଲିଛନ୍ତି । ଗୋଟିଏ ଆର୍ଥିକ ଅନୁଷ୍ଠାନର ଏ ପ୍ରକାର କାର୍ଯ୍ୟ ସଭାପତିଙ୍କ ମନମାନି ବ୍ୟତୀତ ଆଉ କିଛି ନୁହେଁ । ସରକାର ଏ ବିଷୟରେ ତତ୍ପର ହେବା ଦରକାର। ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମବାୟ ନିର୍ବାଚନରେ ଶପଥ ନେଇ ଜନସାଧାରଣଙ୍କୁ ସ୍ୱଚ୍ଛତା, ସମାନତା ଓ ଉତ୍ତମ ସେବା ଯୋଗାଇବାକୁ ଭୁଲିଯାଇ ନିର୍ବାଚିତ ପଦବାଚ୍ୟ ବ୍ୟକ୍ତି ଦୁର୍ନିତୀକୁ ଶ୍ରେୟ କରି କାର୍ଯ୍ୟ କରିଚାଲିଥିବାରୁ ଏହା ଗଣତନ୍ତ୍ର ଓ ସମବାୟ ଆଇନ୍‌କୁ କୁଠାରଘାତ ସଦୃଶ। ଯାହା କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସହ ସମବାୟ ସଚିବ ଓ ରାଜ୍ୟ ସମବାୟ ନିବନ୍ଧକଙ୍କ ଓଡ଼ିଶା ସମବାୟର ବିକାଶନ୍ମୋଖୀ ଚିନ୍ତାଧାରାକୁ ପଦାଘାତ କରି ସଭାପତିଙ୍କ ମନମାନିରେ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କକୁ ପରିଚାଳନା କରିବା ପାଇଁ ଶପଥ ନେଇଥିବାରୁ ଏହା କି ପ୍ରକାର ଜନସେବା ତାହା ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଯାହାର ନ୍ୟାୟ ସରକାର ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଇ ସତ୍ୟାସତ୍ୟ ପାଇପାରିବେ ବୋଲି ଆଶା।

## ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ

**ଯାଜପୁର,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ରବିବାର ଦିନ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ମା'ଙ୍କର ମହାସ୍ନାନ କରାଯାଇଥିଲା। ଏହାପରେ ପିଷ୍ଟକାଦି ନୈବେଦ୍ୟ ଅର୍ପଣ ପରେ ଚନ୍ଦନ ଲାଗି ଅଳଙ୍କାର ଲାଗି କରାଯାଇଥିଲା। ମା'ଙ୍କୁ ସାବିତ୍ରୀ ବେଶରେ ସଜ୍ଜିତ କରାଯାଇଥିଲା। ଷୋଡ଼ଶ ଉପଚାର ପୂଜା ବିଧି ଓ ସ୍ୱନକ୍ଷତ୍ର ପୂଜା କରାଯିବା ପରେ ନବରତ୍ନ ମଣ୍ଡପେ ଯଜ୍ଞ ବେଦୀରେ ମା'ଙ୍କର ଯଜ୍ଞାନୁଷ୍ଠାନ କରାଯାଇଥିଲା। ଯଜ୍ଞ ଶେଷରେ ପୂର୍ଣ୍ଣାହୁତି, ଆରତୀ ଦର୍ଶନ ଓ ଘଟ ବିସର୍ଜନ କରାଯାଇଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମା'ଙ୍କୁ ଦର୍ଶନ କରିବା ପାଇଁ ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିରରେ ଭିଡ଼ ଜମାଇଥିଲେ। ବିରଜା ମନ୍ଦିର ମୁଖ୍ୟ ପରିଚାଳକ ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ସ୍ୱନକ୍ଷତ୍ର ଉତ୍ସବର ସମସ୍ତ କାର୍ଯ୍ୟକୁ ତଦାରଖ କରୁଥିଲେ। ମା'ଙ୍କର ସ୍ୱନକ୍ଷତ୍ର ଉତ୍ସବ ନିମନ୍ତେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ବ୍ୟାପକ ପୁଲିସ ମନ୍ଦିର ଚତୁଃପାର୍ଶ୍ୱରେ ମୁତୟନ ହୋଇଥିଲେ।

## ପ୍ରଜାପିତା ବ୍ରହ୍ମାବାଙ୍କ ପୁଣ୍ୟ ସ୍ମୃତି



**ସାକ୍ଷୀଗୋପାଳ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଉପସେବା କେନ୍ଦ୍ର ଭବନ ପରିସରରେ ପ୍ରାତକାଳରୁ ଅଖଣ୍ଡ ଯୋଗ ତପସ୍ୟାରେ ଶତାଧିକ ଭଉଣୀ ଭାଇ ପରମାତ୍ମାଙ୍କ ଶିବପିତାଙ୍କୁ ଧ୍ୟାନ କରିଥିଲେ। ଏହି ଅବସରରେ ଆୟୋଜିତ ଆଧ୍ୟାତ୍ମିକ ସ୍ନେହମିଳନ କାର୍ଯ୍ୟକ୍ରମରେ ସେବାକେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସଂଯୁକ୍ତା କହିଥିଲେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସଂସ୍ଥାପକ ଦାଦା ଲେଖରାଜ କିଭଳି ପରମାତ୍ମାଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିଷ୍ଠିତ ହୀରା ବ୍ୟବସାୟରୁ ଅବ୍ୟାହତି ନେଇ ନିଜର ସ୍ଥାବର ଆସ୍ଥାବର ସମ୍ପତ୍ତିକୁ ଶିବପିତାଙ୍କ ଯଜ୍ଞରେ ସମର୍ପିତ କରି ବିଶ୍ୱ କଲ୍ୟାଣର ଚେତନାରେ ମାନବ ଜାତିକୁ ଶାନ୍ତି ପ୍ରେମ ଓ ଭାତୃଭାବର ସନ୍ଦେଶ ପ୍ରଦାନ କରିବାକୁ ତଥା ଦୁଃଖ, ଅଶାନ୍ତି, ନିରାଶ, ହତାଶ ଓ ନକାରାତ୍ମକ ଭାବନାରେ ତ୍ରସ୍ତ ବିଶ୍ୱବାସୀଙ୍କୁ ପୁନଃ ସୁଖ, ଶାନ୍ତି, ଆଶା ଓ ବିଶ୍ୱାସରେ ଭରପୁର ଏକ ସକାରାତ୍ମକ ସମାଜ ଉପହାର ଦେବା ପାଇଁ ତତ୍କାଳୀନ ଭାରତୀୟ ସମାଜର ଦୁର୍ବଳ, ନିଷ୍ପେସିତ ମାତା ଓ ଭଉଣୀଙ୍କୁ ନେଇ ଏକ ଶକ୍ତିଶାଳୀ ନାରୀ ସଂଗଠନ ଗଠନ କରି ଯେଉଁ କାର୍ଯ୍ୟର ଅକ୍ଷୟମାରମ୍ଭ କରିଥିଲେ ଆଜି ପରମାତ୍ମା ପିତାଙ୍କ ଉକ୍ତ କାର୍ଯ୍ୟ ସାରା ବିଶ୍ୱରେ ସକାରାତ୍ମକ ପରିବର୍ତ୍ତନର ଯେଉଁ ସୌଧ ନିର୍ମାଣ କରିଛି ତାହା ସମଗ୍ର ବିଶ୍ୱ ଆଦୃତ। ଆଜି ଅବ୍ୟକ୍ତ ସ୍ମୃତି ଦିବସରେ ଆମେ ସକାରାତ୍ମକ, ପବିତ୍ର, ଶୁଦ୍ଧ ସଂକଳ୍ପର ସହଯୋଗ ଦେଇ ବିଶ୍ୱ ନବ ନିର୍ମାଣର ସନ୍ଦେଶ ପ୍ରଦାନ କରିବାପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଏହାହିଁ ଆଜିର ଦିବସରେ ଯଜ୍ଞପିତା ବ୍ରହ୍ମାବାବାଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି ହେବ। କାର୍ଯ୍ୟକ୍ରମରେ ଅତିଥେୟ ପ୍ରଦାନ କରି ବ୍ରହ୍ମାକୁମାର ପିତାମ୍ବର,ଅଞ୍ଜନ, ସୁକାନ୍ତ, ଭରତ, ପ୍ରଭାକର ବ୍ରହ୍ମାବାବାଙ୍କ ଉଦ୍ଦେଶ୍ୟରେ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ମାର୍ଚ୍ଚ ୮ରୁ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଗୋପ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ପୁରୀ ଜିଲ୍ଲାର ଗୋପ ଆଥଲେଟିକ ଆସୋସିଏସନ ପକ୍ଷରୁ ପ୍ରଥମକରି ଅନୁଷ୍ଠିତ ହେବାକୁଯାଉଛି ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଯାହା ଧର୍ମେନ୍ଦ୍ର ସାହୁ ମେମୋରିଆଲ ଟ୍ରଫି ନାମରେ ନାମିତ। ଆସନ୍ତା ମାର୍ଚ୍ଚ ମାସ ୮ରୁ ଆରମ୍ଭ ହେବ। ଏଥିରେ ମୋଟ ୮ଟି ଟିମ ଅଂଶଗ୍ରହଣ କରିବେ। ରାଜ୍ୟ ବାହାରୁ ଏକାଧିକ କ୍ରିକେଟ କ୍ଲବ ଅଂଶଗ୍ରହଣ କରୁଥିବାରୁ ଆୟୋଜନକାରୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ସେଥି ନିମନ୍ତେ ଗୋପ ବ୍ଲକର ବରିଷ୍ଠ କ୍ରୀଡ଼ାବିତ ଓ କ୍ରୀଡ଼ାପ୍ରେମୀ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷମାନଙ୍କୁ ଆୟୋଜକଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏହାର ପୂର୍ବପ୍ରସ୍ତୁତି ବୈଠକ ଗୋପ ଜଳସେଚନ ଡ଼ାକ ବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡା ସମ୍ପର୍କ ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା ପରବର୍ତ୍ତୀ ସମୟର ସ୍ଥାୟୀ କମିଟି ଏବଂ କାର୍ଯ୍ୟକାରୀ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଗଲା। ଜିତେନ୍ଦ୍ର କୁମାର ସାହୁ, ବିଭୂତି ଭୂଷଣ ପଟ୍ଟନାୟକ, ମନୋଜ କୁମାର ପାତ୍ର, ସୁକାନ୍ତ କୁମାର ମହାନ୍ତି, ସଞ୍ଜୀବ ନାରାୟଣ ସାହୁ, ରାମଚନ୍ଦ୍ର ରାଉତ, ସୁନିଲ କୁମାର ସାହୁ ବିଷ୍ଣୁ ନାରାୟଣ ସେନାପତି କରୁଣାକର ସାହୁ ଅଭିଳାଷ ଷଡ଼ଙ୍ଗୀ, ରାଧେଶ୍ୟାମ ବେହେରା ଧୁଶାସନ ପୃଷ୍ଟି ପ୍ରତାପ କୁମାର ପରିଡ଼ା ଚେତନା କୁମାର ସାହୁ, ଜ୍ୟୋତି ରଞ୍ଜନ ମହାନ୍ତି, ଏସକେ ରାଉଫ ଏସକେ ସରଫରାଜ ତୁଲ୍ଲା ପ୍ରଭୃତି ବ୍ୟକ୍ତିବିଶେଷମାନେ ଅଂଶଗ୍ରହଣ କରିଥିଲେ।

## ମହାବୀର ଉଚ୍ଚ ବିଦ୍ୟାଳୟ ରଜତ ଜୟନ୍ତୀ

**ନିଆଳି,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ବରିମୁଣ୍ଡେଇ ସ୍ଥିତ ମହାବୀର ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ରବିବାର ଉଦଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଇନ୍ଦ୍ରମଣି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ବିଧାୟକ ଅନୁପସ୍ଥିତ ଯୋଗୁଁ ବିଧାୟକଙ୍କ ଲିଖିତ ବାର୍ତ୍ତାକୁ ଶଶୀକାନ୍ତ ଲେଙ୍କା ଉପସ୍ଥାପନା କରିଥିଲେ। ମୁଖ୍ୟବକ୍ତା ଭାବରେ ବନ୍ଦେ ଉତ୍କଳ ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବିଧାୟକ ସୁଶାନ୍ତ କୁମାର ରାଉତ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ଼.ଗଗନ ବିହାରୀ ରାଉତ, ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସମାଜସେବୀ ଶଶୀକାନ୍ତ ଲେଙ୍କା ପ୍ରମୁଖ ଯୋଗଦେଇ ଥିଲେ। ସ୍ଥାନୀୟ ସରପଞ୍ଚ ବିଜୟ ରାମ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମହେନ୍ଦ୍ର ରାଉତ ବର୍ଷିକ ବିବରଣୀ ପାଠ କରିଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶିକ୍ଷାର ଉନ୍ନତି ନିମନ୍ତେ ତାଙ୍କ ସରକାର ବହୁ ପଦକ୍ଷେପ ନେଉଥିବା କଥା କହିଥିଲେ। ଏଥିସହିତ ଖାଲି ପଡ଼ିଥିବା ଶିକ୍ଷକ ଶିକ୍ଷୟିତ୍ରୀ ପଦ ନିଯୁକ୍ତି କରିବା ସହ ଆଗକୁ ଅନେକ ସ୍କୁଲ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି କହିବା ସହ ମନ୍ତ୍ରୀ ଗଣମାଧ୍ୟମଙ୍କ ପ୍ରଶ୍ନରେ ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ରହିଥିବା ଶିକ୍ଷା ବିଭାଗର କର୍ମଚାରୀମାନଙ୍କୁ ବଦଳି କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ଭକ୍ତ ଚରଣ ରାଉତଙ୍କ ସମେତ ଶିକ୍ଷାବିତ ଗୌତମ ବିହାରୀ, ଡ଼.ସୁଦୀପ୍ତ କୁମାର ସ୍ୱାଇଁ, ଶ୍ୟାମ ସୁନ୍ଦର ସାହୁ ଓ ବିଜୟ ଲକ୍ଷ୍ମୀ ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ପ୍ରଦୀପ ଛାଟୋଇ ବିଜେପି ମଣ୍ଡଳ ଉପସଭାପତି

**କୋଣାର୍କ,୧୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ଏନଏସିର ବରିଷ୍ଠ ବିଜେପି ନେତା ପ୍ରଦୀପ କୁମାର ଛାଟୋଇଙ୍କୁ ବିଜେପି ଜିଲ୍ଲା ସଭାପତି ଡଃ ଦେବେନ୍ଦ୍ର ନାଥ ତରାଇ କୋଣାର୍କ ବିଜେପି ମଣ୍ଡଳର ଉପସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ୨୦୦୮ ମସିହା ଠାରୁ ପ୍ରଦୀପ କୁମାର ଛାଟୋଇ ବିଜେପି ସଂଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ପୂର୍ବରୁ କୋଣାର୍କ ମଣ୍ଡଳ ଉପସଭାପତି, ପୁରୀ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ଜିଲ୍ଲା ସଂପାଦକ ଓ ଉପସଭାପତି ଭାବରେ ନିଷ୍ଠାପର ଭାବେ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ବିଜେପି ନେତା ପ୍ରଦୀପ କୁମାର ଛାଟୋଇଙ୍କ ଦଳ ପାଇଁ ନିଷ୍ଠାପର ତ୍ୟାଗ ସାଂଗଠନିକ ଦକ୍ଷତା ଯୋଗୁଁ କୋଣାର୍କ ବିଜେପି ମଣ୍ଡଳ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ଶ୍ରୀ ଛାଟୋଇଙ୍କୁ କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି ସଂଗଠନ ଓ କୋଣାର୍କ ବିଜେପି ମଣ୍ଡଳର କର୍ମକର୍ତ୍ତାମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

